

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୩ ● ସଂଖ୍ୟା–୫ ● ୩୧ ଜାନୁଆରୀ ୨୦୨୬, ଶନିବାର ● ଭୁବନେଶ୍ୱର ● Vol -33 ● Issue-5 ● 31st January 2026, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଗୋପାଳପୁର ବେଳାଭୂମି ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ଗଞ୍ଜାମ ଜିଲ୍ଲାକୁ ୪୯୨ କୋଟି ଟଙ୍କାର ପ୍ରକଳ୍ପ ଭେଟି

ଗୋପାଳପୁର/ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

ଗୋପାଳପୁର ମହୋତ୍ସବ ହେଉଛି ଇତିହାସ, ପରମ୍ପରା, ସଂସ୍କୃତି ଓ ପ୍ରକୃତିର ଏକ ସୁନ୍ଦର ସମନ୍ୱୟ । ଏହି ମହୋତ୍ସବ ମାଧ୍ୟମରେ ଆମେ ଓଡ଼ିଶାର ଅନନ୍ୟତା, ଗଞ୍ଜାମର ଗରିମା ଓ ଆମ ସଂସ୍କୃତିର ଜୀବନ୍ତ ଐତିହ୍ୟକୁ ଉତ୍ସବରେ ପରିଣତ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋପାଳପୁର ବେଳାଭୂମି ମହୋତ୍ସବ ୨୦୨୬ର ଉଦ୍‌ଯାପନୀ ଅବସରରେ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲା ପାଇଁ ୪୯୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । (ପୃଷ୍ଠା ୭ରେ)



# ଜାତିର ପିତା ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୩୦।୧

ଜାତିର ପିତା, ଅହିଂସାର ମାର୍ଗଦର୍ଶକ, ଭାରତକୁ ସ୍ୱାଧୀନତା ଆଣି ଦେଇଥିବା ମହାନ୍ ଆତ୍ମା ମହାତ୍ମା ଗାନ୍ଧୀଙ୍କ ୭୮ତମ ତିରୋଧାନ ଦିବସରେ ଶୁକ୍ରବାର ନୂଆଦିଲ୍ଲୀର ରାଜଘାଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ପ୍ରଥମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜଘାଟରେ ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହା ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଜାତିର ଜନକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରାଜଘାଟରେ ବୈଷ୍ଣବ ଜନୋ କୋ ସହ ରଘୁପତି ରାଘବ ରାଜା ରାମ ପତିତପାବନ ସୀତା ଗୀତ ପରିବେଷଣ ହୋଇଥିଲା ।



ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ତିଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ବିଚାର-ନୀତି, ଆଦର୍ଶ ଏବଂ ଅହିଂସା ବାର୍ତ୍ତାର ଗୁରୁତ୍ୱ ସମ୍ପର୍କରେ ସ୍ମରଣ କରିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପୂଜ୍ୟ ବାପୁ ମାନବତାର ସୁରକ୍ଷା ପାଇଁ ସଦା ଅହିଂସାର ପଥ ଅନୁସରଣ କରିବାକୁ ପ୍ରେରଣା ଦେଇଥିଲେ ଏବଂ ଏହା ଏମିତି ଏକ ଶକ୍ତି, ଯାହା ଅସ୍ତ୍ର ବିନା ମଧ୍ୟ ପୃଥିବୀକୁ ପରିବର୍ତ୍ତନ କରିପାରେ ।

ପ୍ରଧାନମନ୍ତ୍ରୀ ମୋଦି 'ଏକ୍ସ' ରେ ଏକ ପୋଷ୍ଟ ସେୟାର କରି ଅହିଂସା ସମ୍ବନ୍ଧୀୟ ଏକ ସୁଭାଷିତ ଲେଖିଛନ୍ତି । (ପୃଷ୍ଠା ୭ରେ)

## ୨କୋଟି ଟଙ୍କା ଚିଟଫଣ୍ଡ ଦୁର୍ନୀତି ମାମଲାରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

୨.୧ କୋଟି ଟଙ୍କା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଫେରାର ଅଭିଯୁକ୍ତ ତନ୍ମୟ ମିର୍ଦ୍ଧାଙ୍କୁ ପଶ୍ଚିମବଙ୍ଗର ନଦିଆରୁ ଗିରଫ କରିଛି ସିବିଆଇ । କୋଲକାତାର ଏକ୍ସପ୍ରେସ୍ କଲଟିଭେସନ ଲିମିଟେଡ୍ ସଂସ୍ଥା ନିର୍ଦ୍ଦେଶକ ତନ୍ମୟ ମିର୍ଦ୍ଧା ଦୀର୍ଘ ଦିନ ଧରି ଫେରାର ଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨୦୨୦ରେ ମାମଲା କରିଥିଲା ସିବିଆଇ ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬, ୯୨୦ (-୯୬୫)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୫୧୦ (-୮୮୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨, ୬୯୦ (-୭୨୪)

### ରୁପା ଦର

ରୂପା – ପ୍ରତି ଗ୍ରାମ ୪୦୫ (-୨୦)

### ଏକାଳ ପଖାଳ



ସିଏମ୍‌ସିରେ ଯେତେବେଳେ ଦେଖ
ତୁଚ୍ଛା ଖାଲି ଗଣ୍ଡଗୋଳ
ପ୍ରାଚୀନ ସହରେ ବିକାଶର ଡ୍ରାମା
ପୁରାପୁରି କିବା ଖୋଳ
ଜନସ୍ୱାର୍ଥ ପାଇଁ ନାହିଁ ମେଳ
ଦଳପାଇଁ ସବୁ ପୂର୍ଣ୍ଣ ସମର୍ପିତ
ଅକାରଣେ ଖାଲି ଝୋଳ ।

# ଆସାମରୁ ଜଣ ଜଣ କରି ଅନୁପ୍ରବେଶକାରୀ ବାହାରିବେ

ଡିବ୍ରୁଗଡ(ଆସାମ), ୩୦।୧

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଦିନ ଡିବ୍ରୁଗଡ଼ରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରି ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ଯଦି ମୁଖ୍ୟମନ୍ତ୍ରୀ ଡା. ହେମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି ତୃତୀୟ ଥର ଆସାମରେ ସରକାରରେ ଆସିବ ତେବେ ରାଜ୍ୟରୁ ଜଣ ଜଣ କରି ବାଂଗଲାଦେଶୀ ଅନୁପ୍ରବେଶକାରୀଙ୍କୁ ବାହାର କରାଯିବ ।



ନିଜ ସମ୍ବୋଧନରେ ଅମିତ ଶାହ କଂଗ୍ରେସ ଉପରେ ଅଭିଯୋଗ ଲଗାଇଛନ୍ତି ଯେ କଂଗ୍ରେସ କେବଳ ନିଜର ଭୋଟ୍‌ବ୍ୟାଙ୍କ ରାଜନୀତି ପାଇଁ (ପୃଷ୍ଠା ୭ରେ)

# ବରିଷ୍ଠ ନାଗରିକଙ୍କୁ ପୁରୀ ବୁଲାଇବେ ସରକାର

ପୁରୀ, ୩୦।୧ : ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ନାଗରିକଙ୍କ ପାଇଁ ରାଜ୍ୟ ସରକାର ନୂଆ ଯୋଜନା କରିଛନ୍ତି । ଏହି ଯୋଜନାରେ ବରିଷ୍ଠ ନାଗରିକମାନଙ୍କୁ ପୁରୀ ବୁଲାଇବାର ବ୍ୟବସ୍ଥା କରାଯାଇଛି । ୬୦ରୁ ୭୫ବର୍ଷ ବୟସ୍କ ବରିଷ୍ଠ ନାଗରିକଙ୍କୁ ଶ୍ରୀକ୍ଷେତ୍ରକୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇବେ ରାଜ୍ୟ ସରକାର । ଏଥିପାଇଁ



ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନା । ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି । ଏହି ଯୋଜନାରେ ୩୫ହଜାର ବରିଷ୍ଠ ନାଗରିକଙ୍କୁ ସାମିଲ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି । ପଞ୍ଚାୟତ ସ୍ତରରେ ହିତାଧିକାରୀ ଚୂଡାନ୍ତ କରିବା ନେଇ ଜିଲ୍ଲାପାଳମାନଙ୍କୁ ଲେଖାଯାଇଥିବା ଚିଠିରେ କୁହାଯାଇଛି ।

# ଫେବୃୟାରୀ ୧୭ରୁ ବିଧାନସଭା ଅଧିବେଶନ, ୨୦ରେ ବଜେଟ



ଭୁବନେଶ୍ୱର, ୩୦।୧ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଫେବୃଆରୀ ୧୭ତାରିଖରୁ ଓଡ଼ିଶା ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ଗୃହରେ ଅଭିଭାଷଣ ପ୍ରଦାନ କରିବେ । ଫେବୃୟାରୀ ୨୦ ତାରିଖରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ଗୃହରେ ଉପସ୍ଥାପନ ହେବ । ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବଜେଟ ଉପସ୍ଥାପନ କରିବେ । ଆଗାମୀ ବଜେଟ ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟ ଦିବସ ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୭ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୨ଟି କାର୍ଯ୍ୟ ଦିବସ ନିର୍ଦ୍ଧାରିତ ହୋଇଛି । ଆସନ୍ତା ମାର୍ଚ୍ଚ ୩୧ ତାରିଖ ଦିନ ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ପାରିତ ହେବ । ଏଠାରେ

ସୂଚନା ଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨ଲକ୍ଷ ୬୫ହଜାର କୋଟି ଟଙ୍କାର ବଜେଟ ଆଣିଥିଲେ । ସେଥିରେ ପ୍ରଶାସନିକ ବ୍ୟୟ ବାବଦକୁ ୯୭ ହଜାର ୭୨୫କୋଟି ଟଙ୍କା ରହିଥିବାବେଳେ କାର୍ଯ୍ୟକ୍ରମ ବାବଦକୁ ୧ଲକ୍ଷ ୫୫ହଜାର କୋଟି ଟଙ୍କା ରହିଥିଲା । ଏହାସହିତ ୩ହଜାର ୯୦୦କୋଟି ଟଙ୍କା ବିପର୍ଯ୍ୟୟ ପ୍ରଶମନ ପାଇଁ ରହିଥିବାବେଳେ ୮ହଜାର ୩୭୫କୋଟି ଅନ୍ୟାନ୍ୟ ବ୍ୟୟ ବାବଦକୁ ରହିଥିଲା । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ (ପୃଷ୍ଠା ୭ରେ)

# ବିଶ୍ୱ ଦରବାରରେ ଓଡ଼ିଶାର ପଟ୍ଟଚିତ୍ର ପ୍ରଦର୍ଶିତ

ଭୁବନେଶ୍ୱର, ୩୦।୧ : ନ୍ୟୁଜ୍ ବ୍ୟୁରୋ

ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ସମ୍ମିଳନୀ 'ଆଇଆଇସିଡ଼ିଇଏମ-୨୦୨୬'ରେ ଓଡ଼ିଶାର କଳା ଓ ସଂସ୍କୃତିର ଜୟଯାତ୍ରା ଦେଖିବାକୁ ମିଳିଛି । ଭାରତ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ପକ୍ଷରୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆୟୋଜିତ ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶାର ବିଶ୍ୱପ୍ରସିଦ୍ଧ 'ପଟ୍ଟଚିତ୍ର'କୁ ଏକ ସ୍ୱତନ୍ତ୍ର ସାଂସ୍କୃତିକ ଉପହାର ଭାବେ ପ୍ରଦର୍ଶିତ କରାଯାଇଛି ।

ଜାନୁଆରୀ ୨୧ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଶ୍ୱର ପ୍ରାୟ ୭୦ରୁ ଅଧିକ ଦେଶର ପ୍ରତିନିଧି ଦଳ ଯୋଗ ଦେଇଥିଲେ । ଏହି ଅବସରରେ ଆନ୍ତର୍ଜାତୀୟ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଅଧୀନରେ ୪୦ରୁ ଅଧିକ ଦେଶର ମୁଖ୍ୟ ପ୍ରତିନିଧିମାନଙ୍କୁ ଭାରତର ସମୃଦ୍ଧ ଐତିହ୍ୟର ପ୍ରତୀକ ସ୍ୱରୂପ ଓଡ଼ିଶାର ପଟ୍ଟଚିତ୍ର ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଏହି କଳାକୃତିରେ ଭଗବାନ ଶ୍ରୀକୃଷ୍ଣଙ୍କ ଦିବ୍ୟ 'ରାସଲୀଳା' ଏବଂ ମହାପ୍ରଭୁ (ପୃଷ୍ଠା ୭ରେ)




# କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ




ଭୁବନେଶ୍ୱର, ୩୦।୧ : ନ୍ୟୁଜ୍ ବ୍ୟୁରୋ

କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ, କେହି ଏହାକୁ ଓଡ଼ିଶା ଠାରୁ ଅଲଗା କରିପାରିବେ ନାହିଁ । ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏପରି କହିଛନ୍ତି ।

ସେ କହିଛନ୍ତି ଦୀର୍ଘ ଦିନରୁ ଆନ୍ଧ୍ରପ୍ରଦେଶ ତାର ଏଭଳି ଆଭିମୁଖ୍ୟ ଦେଖାଉଛନ୍ତି । ସୀମା ଅତିକ୍ରମ କରି କୋଟିଆ ଲୋକଙ୍କୁ ପ୍ରଭାବିତ କରୁଛନ୍ତି । ସବୁ ବିଭାଗର ଅଧିକାରୀଙ୍କୁ କୁହାଯାଇଛି । ଲୋକଙ୍କର ଯାହା ଆବଶ୍ୟକ ଅଛି ତାହା ଦିଆଯିବ । ଆନ୍ଧ୍ର ପକ୍ଷରୁ ସେଠାରେ ବାଧ ବାଧକତାରେ ଲୋକଙ୍କୁ ସାହାଯ୍ୟ କରାଯାଉଛି । ମାଉସୀ ହୋଇ ସେମାନେ ସାହାଯ୍ୟ କରୁଛନ୍ତି, ଆମେ ମା' ଭଳି କରୁଛୁ । ମନ୍ତ୍ରୀ କହିଛନ୍ତି କୋଟିଆର ବିକାଶ ପାଇଁ ପୂର୍ଣ୍ଣକାଳୀନ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି । ରୋଡ୍ ମ୍ୟାପ୍ ପ୍ରସ୍ତୁତ ହେଉଛି । ଲୋକ ଓ ସ୍ଥାନୀୟ ପ୍ରଶାସନ ଆନ୍ଧ୍ର ପ୍ରଦେଶର ଉଦ୍ଦେଶ୍ୟକୁ ପଣ୍ଡ କରୁଛନ୍ତି । ଲୋକ (ପୃଷ୍ଠା ୭ରେ)



# ସଡ଼କ ଦୁର୍ଘଟଣା ରୋକିବା ପାଇଁ ଜିଲ୍ଲା ପ୍ରଶାସନର ପଦକ୍ଷେପ

**ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ**

ଜିଲ୍ଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ଅଧ୍ୟକ୍ଷତା କରିଥିଲେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ । ବୈଠକରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଗତ ଡିସେମ୍ବର ମାସରେ ଆୟୋଜିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଜିଲ୍ଲାରେ ସଡ଼କ ଦୁର୍ଘଟଣାର ସଂଖ୍ୟା କମ କରିବା ପାଇଁ କଣ କଣ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ସମିତିର ସଦସ୍ୟମାନଙ୍କ ସହିତ ଆଲୋଚନା କରାଯାଇଥିଲା । ବୈଠକକୁ ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ପରିଚାଳନା କରିଥିଲେ । ଏହି ବୈଠକରେ ସମସ୍ତ କମିଟି ସଦସ୍ୟ ବୃନ୍ଦ ଏବଂ ବିଭିନ୍ନ ବିଭାଗର



ଅଧିକାରୀମାନେ ଉପସ୍ଥିତ ଥିଲେ । ଆଲୋଚିତ ବିଷୟମାନଙ୍କ ମଧ୍ୟରେ ଉଲୁଣ୍ଡାରୁ ସିଂହୋଳ ରାସ୍ତାରେ ଥିବା ଡୁଡୁପାଲି ଛକକୁ ବ୍ଲାକ୍ ସ୍ପଟ୍ ଭାବେ ଘୋଷଣା କରିବା ଓ ସେଠାରେ ସଡ଼କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସମ୍ପର୍କରେ ଚର୍ଚ୍ଚା ହୋଇଥିଲା । ଜିଲ୍ଲା ସଡ଼କ ଓ କୋଠା ବିଭାଗକୁ ଡୁଡୁପାଲି ଛକରେ ଏକ ସ୍ପିଡ଼ ବ୍ରେକର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସୁବର୍ଣ୍ଣପୁର ସହରର ବିଭିନ୍ନ ସ୍ଥାନରେ ସୂଚନା ଫଳକ ସ୍ଥାପନ, ଅବସ୍ଥିତ ସୂଚନା ଫଳକଗୁଡ଼ିକୁ ସଫା କରି ସ୍ପଷ୍ଟ ଭାବରେ ଦୃଶ୍ୟମାନ କରିବା, ଡାକ୍ତରଖାନା ନିକଟସ୍ଥ ବୁଢାରଜା ଛକରେ ଭାରି ଯାନବାହାନ ପ୍ରବେଶ ନିଷେଧ ପାଇଁ ଏକ ନୂତନ ସୂଚନା ଫଳକ ସ୍ଥାପନ ଓ ତୀର ଚିହ୍ନ ମାଧ୍ୟମରେ ଠିକ ରାସ୍ତା ଦର୍ଶାଇବା, ସହର ପ୍ରବେଶ ପଥରେ ଏକ ସ୍ୱାଗତ ଗେଟ୍ ଏବଂ ମହାନଦୀ ବ୍ରିଜର ନଷ୍ଟ ହୋଇଥିବା ଆଲୋକୀକରଣ ବ୍ୟବସ୍ଥାର ମରାମତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଗତ ଡିସେମ୍ବର ମାସରେ ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ୨୫,୬୮,୦୪୪ ଟଙ୍କା ଜରିମାନା ସଂଗ୍ରହ କରାଯାଇଥିବା ଓ ଆହୁରି ୬୩,୮୨,୭୩୧ ଟଙ୍କା ଜରିମାନା ଆଦାୟ କରିବାକୁ ବାକି ଅଛି ବୋଲି ଶ୍ରୀ ଜେନା ସୂଚନା ଦେଇଥିଲେ । ଜିଲ୍ଲାରେ ଗତ ମାସରେ ୧୧୪ ଟି ଲାଇସେନ୍ସ ରଦ୍ଦ ହୋଇଥିବା ବେଳେ ୩ଟି ସାଙ୍ଘାତିକ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମଧ୍ୟ ଦିଆଯାଇଥିଲା । ଶ୍ରୀ ଜେନା କହିଥିଲେ ଯେ ପ୍ରତିଦିନ ଜିଲ୍ଲାରେ ଯାନବାହାନ ଚେକିଂ ପ୍ରକ୍ରିୟା ଜାରି ରହିଛି ଏବଂ ଚଳିତ ଜାନୁଆରୀ ମାସରେ ବିଭାଗ ଦ୍ୱାରା ସଚେତନତା ରାଲି, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଓ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଉଛି । ।

# ଏନଏସିର ଲକ୍ଷ୍ୟ ଓ ବ୍ୟକ୍ତିତ୍ୱ ବିକାଶ ଉପରେ ଆଲୋକପାତ

**ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ**

ସୋନପୁର ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ.ଏସ.ଏସ.ର ସାତ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି । ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ପ୍ରତୀମୟୀ ମିଶ୍ରଙ୍କ ଅଧକ୍ଷ୍ୟତାରେ ଏବଂ ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ନିବେଦିତା ମହାପାତ୍ରଙ୍କ ତତ୍ୱାବଧାନରେ ଏହି ଶିବିର ସାତଦିନ ଧରି ଚାଲିଥିଲା । ଶିବିରରେ ସ୍ୱେଚ୍ଛାସେବୀମାନେ ଦୈନନ୍ଦିନ ପ୍ରାତଃ କାର୍ଯ୍ୟକ୍ରମ ଯୋଗ, ପ୍ରାର୍ଥନା, ବ୍ୟାୟାମ ଓ ପୋଷ୍ୟ ଗ୍ରାମ ନୂଆପଡାରେ ସଫେଇ କାର୍ଯ୍ୟକ୍ରମ କରିଥିଲେ । ଏହା ସହିତ ପରିବେଶ ସଚେତନତା ଶୋଭାଯାତ୍ରାରେ ସବୁଜ ଗ୍ରାମ, ପ୍ଲାଷ୍ଟିକ ବର୍ଜନ, ସ୍ୱଚ୍ଛତା, ପରିବେଶ ସୁରକ୍ଷା, ନାରୀ ଶିକ୍ଷା, ଯୋଗ ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ଏହି ସାତଦିନରେ ଶିବିରରେ ଆୟୋଜିତ ହୋଇଥିବା ବିଭିନ୍ନ ପାଠ୍ୟ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନଙ୍କର ସାମାଜିକ, ବ୍ୟବହାରିକ ଜ୍ଞାନର ବୃଦ୍ଧି ପାଇଁ ଏନ.ଏସ. ଏସ. ଜିଲ୍ଲା ନୋଡାଲ ଅଧିକାରୀ ଧୀରନ୍ଦ୍ର କୁମାର ମିଶ୍ର ଶିବିରରେ ଯୋଗଦେଇ ଏନ.ଏସ. ଏସ ଲକ୍ଷ୍ୟ ଓ ବ୍ୟକ୍ତିତ୍ୱର ବିକାଶ ଉପରେ ଆଲୋକପାତ କରିଥିଲେ । ଆଇ.ଟି ଅଧାପକ ଦେବାଶିଷ ମିଶ୍ର ଯୁବ ରାଷ୍ଟ୍ର ନିର୍ମାଣ, ମହିଳା ଡିଗ୍ରୀ କଲେଜର ଅଧାପିକା ସଞ୍ଜୁରାଣୀ ସିଂ ନାରୀ ଶିକ୍ଷାର ଗୁରୁତ୍ୱ, ପତଞ୍ଜଳି ଯୋଗର ମହିଳା ପ୍ରଭାରୀ ଭଗବତୀ ରାଏଗୁରୁ ଯୋଗର ଉପକାରିତା, ସୋନପୁର ସ୍ୱଚ୍ଛ ଭାରତ ସଂଗଠନର ସଂଯୋଜକ ପରିବେଶ ସୁରକ୍ଷା, ପରିଷ୍କାର ପରିଚ୍ଛନତା ଉପେର ଆଲୋକପକ୍ଷତ କରିଥିଲେ । ଏନ.ଏସ.ଏସ.ର ସାତ ଦିନିଆ



ଶୀତକାଳୀନ ସ୍ୱତନ୍ତ୍ର ଶିବିରରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତକ୍ଷ ଆୟୋଜିତ ହୋଇଥିଲା ଯଥା ସଂଗୀତ, ନୃତ୍ୟ, ରଚନା, ବକୃତା, କୁଇଜ ପ୍ରତିଯୋଗିତକ୍ଷରେ କୃତିତ୍ୱ ଅର୍ଜନ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦଯାପନୀ ସଭାରେ ଅତିଥିଭାବେ ଏନ.ଏସ. ଏସ. ଜିଲ୍ଲା ନୋଡାଲ ଅଧିକାରୀ ଧୀରନ୍ଦ୍ର କୁମାର ମିଶ୍ର, ସମାଜସେବୀ ମନୋରଞ୍ଜନ ତ୍ରିପାଠୀ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ପ୍ରତୀମୟୀ ମିଶ୍ର ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କ କର୍ତ୍ତବ୍ୟ ଏବଂ ଏନ.ଏସ. ଏସ.ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରି କାର୍ଯ୍ୟକ୍ରମର ସଫଳତା ପାଇଁ ଉଚ୍ଚ ପ୍ରଶଂସା କରିଥିଲେ । ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ନିବେଦିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମ ସୁରକ୍ଷା କୌଶଳ ଅଭ୍ୟାସ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ

**ବ୍ୟାସନଗର,ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାରବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମର ସଂଯୋଜିକା ଡ଼. ଚିରସ୍ମିତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ଶରତ କୁମାର ମଲ୍ଲିକ ଯୋଗ ଦେଇ ଛାତ୍ରୀମାନେ ଶିକ୍ଷା ନେଇଥିବା କୌଶଳ ଦ୍ୱାରା ନିଜକୁ ସୁରକ୍ଷା ଦେଇପାରିବେ ବୋଲି ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ପ୍ରଭାତ କୁମାର ସ୍ୱାଇଁ, ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ସନାତନ ଦାସ, ଇଂରାଜୀ ବିଭାଗ ମୁଖ୍ୟ ଡ଼. ପ୍ରଜ୍ଞା ପ୍ରବର୍ତିକା ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନେ ଆତ୍ମରକ୍ଷା ତାଲିମରୁ ଶିଖିଥିବା କୌଶଳକୁ ଦୈନନ୍ଦିନ ଅଭ୍ୟାସ ଜାରିରଖିବାକୁ




ପରାମର୍ଶ ଦେଇଛନ୍ତି । ଆଠଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଯୁକ୍ତ ତିନି ପ୍ରଥମ ବର୍ଷର ୩ ଶହଜଣ ଛାତ୍ରୀ ତାଲିମ ନେଇଥିଲେ । ପ୍ରଶିକ୍ଷିକା ଭାବରେ ମମତାମୟୀ ଦାଶ, ପ୍ରଜ୍ଞା ପରମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତି ରହି ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ଛବିଳା ସାହୁ, ହିମାଦ୍ରି ତନୟା ଜେନା, ପ୍ରଭାସିନୀ ଗୁଇ, ତୃପ୍ତିମୟୀ ଦାସ, ସସ୍ମିତା ସ୍ୱାଇଁ, ଭାଗ୍ୟଲକ୍ଷ୍ମୀ ଦାସ, ବୈଜୟନ୍ତିବାଳା ବଳ, ରିନା ରାୟ, ଅଜୟ ମହାକୁଡ଼, ରମେଶ ବେହେରା, ସୁରେନ୍ଦ୍ର ସାହୁ, ପ୍ରିୟଙ୍କା ସାମଲ, ଜୟଶ୍ରୀ ଜେନା ପ୍ରମୁଖ ଅଧାପକ ଓ ଅଧାପିକା ଯୋଗଦାନ ଦେଇଥିଲେ । ତତ୍ ସହ ପରିଚାଳନା ଦାୟିତ୍ୱରେ ରବି କୁମାର ରାଉଳ, ସୁବାସ ମୁଖି ସହଯୋଗ କରିଥିଲେ । ଶେଷରେ ଛାତ୍ରୀ ଶୁଭସ୍ମିତା ସାହୁ ଧନ୍ୟବାଦ ଦେଇଛନ୍ତି । ବହୁ ସଂଖ୍ୟକ ଛାତ୍ରୀମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ଶେଷ ହୋଇଛି ।

# ଯୁଗ୍ମ ଜନଶୁଣାଣି : ୧୧୭ ଅଭିଯୋଗ

**ବାଲେଶ୍ୱର,ନ୍ୟୁଜ ବ୍ୟୁରୋ**

ବାହାନଗା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ବାହାନଗା ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ମୋଟ ୧୧୭ ଜଣ ଅଭିଯୋଗକାରୀ ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ଏହି ଅଭିଯୋଗ ମଧ୍ୟରେ ୯୯ ଗୋଟି ବ୍ୟକ୍ତିଗତ ଏବଂ ୦୬ ଗୋଟି ସାମୂହିକ ସମ୍ପର୍କିତ ଥିଲା । ଏହି ମିଳିତ ଜନଶୁଣାଣୀ ଶିବିରରେ ୧୮ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିବା ସଙ୍ଗେ ସଙ୍ଗେ ୧୨ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା । ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ, ବାଲେଶ୍ୱର ଶିବ ମାଲବ୍ୟ, ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମେଧାବୀ ବୃତ୍ତି ସଫଳତା

**ବ୍ୟାସନଗର,ନ୍ୟୁଜ ବ୍ୟୁରୋ**

ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ୟାସନଗର ପ୍ରତ୍ୟେକ ବର୍ଷ ତୃତୀୟ, ପଞ୍ଚମ ଓ ନବମ ଶ୍ରେଣୀର ମେଧାବୀ ବୃତ୍ତି ପରୀକ୍ଷାରେ କ୍ରମାଗତ ଭାବେ ସଫଳତା ହାସଲ କରି ଆସୁଅଛି । ଛାତ୍ରଛାତ୍ରୀଙ୍କର ନିଷ୍ଠା, ପରିଶ୍ରମ ଓ ଗୁରୁଜୀ, ଗୁରୁମା ମାନଙ୍କର ସଠିକ ମାର୍ଗଦର୍ଶନ ଫଳରେ ଏହା ସମ୍ଭବ ହେଉଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି । ବିଦ୍ୟାଳୟର ସମ୍ପାଦକ ରଜତ କୁମାର ରାଉତ ସଫଳ ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଆହୁରି ଉନ୍ନତି କରିବାକୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଉପଲବ୍ଧି ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନ ପ୍ରତି ଅଧିକ ଉତ୍ସାହିତ କରିବ ବୋଲି ଶିକ୍ଷାନୁରାଗୀମାନେ ଆଶା ପ୍ରକାଶ କରିଛନ୍ତି । ଶିକ୍ଷାବର୍ଷ ୨୦୨୪-୨୫ର ତୃତୀୟ ଶ୍ରେଣୀ ବୃତ୍ତିରେ ପ୍ରଥମ ସ୍ଥାନ ସାଇପ୍ରକାଶ ସାହୁ, ପଞ୍ଚମ ସ୍ଥାନ ସଞ୍ଜନ ଅରୁଲ ଜେନା ଓ ଷଷ୍ଠ ସ୍ଥାନ ନିହାରିକା ବେହେରା ଅଧିକାର କରିଛନ୍ତି । ପଞ୍ଚମ ଶ୍ରେଣୀ ବୃତ୍ତିରେ ସାହିଲ




କୁମାର ସାହୁ ପ୍ରଥମ ସ୍ଥାନ, ପ୍ରିୟାଂଶୁ ସାହୁ ତୃତୀୟ ସ୍ଥାନ ଓ ପ୍ରତିଭା ସ୍ୱାଇଁ ପଞ୍ଚମ ସ୍ଥାନରେ ସଫଳ ହୋଇଛନ୍ତି । ୨୦୨୩-୨୪ ଶିକ୍ଷା ବର୍ଷରେ ଆଦିତ୍ୟ ମହାପାତ୍ର ଓ ଅଲକ ନନ୍ଦା ସାହୁ (ଷଷ୍ଠ ଶ୍ରେଣୀ), ୨୦୨୩-୨୪ ଶିକ୍ଷା ବର୍ଷରେ ନବମ ଶ୍ରେଣୀର ଛାତ୍ରୀ ଶୁଭଶ୍ରୀ ବେହେରା ଓ ସୁଶ୍ରୀ ସଂଗୀତା ସାହୁ ଏବଂ ୨୦୨୪-୨୫ ଶିକ୍ଷା ବର୍ଷରେ ନବମ ଶ୍ରେଣୀର ରୁଦ୍ରପ୍ରତାପ ସାହୁ, ପ୍ରୀତିନନ୍ଦା ପୃଷ୍ଟି, ଶାଶ୍ୱତୀ ସ୍ୱାଇଁ ଓ ଆୟୁଷ କୁମାର ସାହୁ ପଠାଣି ସାମନ୍ତ ମେଧା ବୃତ୍ତି ଅର୍ଜନ କରି ବିଦ୍ୟାଳୟର ତଥା ସ୍ଥାନୀୟ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି ।

# ହାସ୍ୟ ଅଭିନେତା ବ୍ଲାକ ରବୀଙ୍କ କମେଡିରେ ଦର୍ଶକ ବିମୋହିତ

**ରମ୍ଭା,ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅଧିନସ୍ଥ ହୁମ୍ମା ପଞ୍ଚାୟତ ଅନ୍ତର୍ଗତ କଳାଯମୁନା ଶ୍ରୀ ସାଇ ସରସ୍ୱତୀ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ ୨୦୨୫ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠାନର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ସଲ୍ଟ କଲେଜ ହୁମ୍ମାର ଅଧ୍ୟକ୍ଷ ନିରଞ୍ଜନ ରଥ, ସମ୍ମାନିତ ଅତିଥି ଭାବେ ମହାନ ସଂଘର ସଭାପତି ଶ୍ରୀଯୁକ୍ତ ସୁଶାନ୍ତ କୁମାର ସାବତ, ଗାଣ୍ଡୁ ନାହାକ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅଳେଶ୍ୱର ପଲେଇ, ହୁମ୍ମା ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ, ହୁମ୍ମା ଗ୍ରାମ ପଞ୍ଚାୟତ ସରପଞ୍ଚ ଜାନକୀ ଦାସ, ମଲାଡ ଗ୍ରାମ ପଞ୍ଚାୟତ ସରପଞ୍ଚ ମମତା ବେହେରା, ମଲାଡ ଗ୍ରାମ ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଲିଙ୍ଗରାଜ ମହାପାତ୍ର, ସମାଜ ସେବୀ ରବି ପ୍ରଧାନ, ଜିଲ୍ଲା ପରିଷଦ



ସଭ୍ୟାଙ୍କ ପ୍ରତିନିଧି ଗଗନ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବକ୍ତା ଭିନ୍ନ ଭିନ୍ନ ମନ୍ତବ୍ୟ ସହ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ବିକାଶ ଦିଗରେ ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ଅୟମାରମ୍ଭ ପୂର୍ବରୁ ରାଜ୍ୟପାଳ ପୁରସ୍କୃତ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଅତିଥି ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ପରିଚୟ ପ୍ରଦାନ କରିଥିଲେ । ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ପରେ ସଭା କାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି. ରବୀନ୍ଦ୍ର ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କଂଗ୍ରେସ ଜେନା, ଦଣ୍ଡପାଣି ମହାରଣା, ରବୀନ୍ଦ୍ର ଶତପଥୀ ,ସଞ୍ଜୟ କୁମାର ତ୍ରିପାଠୀ ସମେତ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ । ସଭା ଶେଷରେ କଳାକାର କୁନାକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏତତ୍ ବ୍ୟତୀତ ଓଲିଓଡ ଗାୟକ ସୁଧୀର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଓଲିଓଡ ଗାୟିକା ଐଶ୍ୱର୍ଯ୍ୟା ବେହେରା, ଗାୟିକା ବିଚିତ୍ର ତ୍ରିପାଠୀ ଓ ହାସ୍ୟ ଅଭିନେତା ବ୍ଲାକ ରବିଙ୍କ ନିଖୁଣ ଅଭିନୟରେ ଦର୍ଶକମାନେ ଝୁମିଥିଲେ । ଏହା ପରେ ପରେ ସଞ୍ଜୟ କୁମାର ତ୍ରିପାଠୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଭିନୀତ ନାଟକ "କହିଦେଲେ କଥା ସରିଯିବ" ବେଶ୍ ଶିକ୍ଷଣୀୟ ତଥା ଚିତ୍ତାକର୍ଷକ ହୋଇଥିଲା ।

# ମସ୍ୟ-ପ୍ରାଣୀ ସମାବେଶ : ଚିତାକର୍ଷକ ଡଗ୍ ସୋରେ ଦର୍ଶକ ବିଭୋର

**ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ**

କିଏ ଧୀର ମନ୍ଥର ଗତିରେ ଆସୁଥିଲେ ତ କିଏ ଦ୍ରୁତ ଗତିରେ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରୁଥିଲେ । କିଏ ଚୋର ଧରିବାର କୌଶଳ ଦେଖାଉଥିଲେ ତ ଆଉ କିଏ ହାଇ ଜମ୍ପ ଓ ହର୍ଡଲ୍ସ ଜମ୍ପରେ ନିଜର ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଦର୍ଶକଙ୍କ ସମ୍ମୁଖରେ ଆଘ୍ରାଣ ଶକ୍ତିକୁ ପ୍ରଦର୍ଶନ କରି ସମସ୍ତଙ୍କୁ ଚମତ୍କୃତ କରି ଦେଇଥିଲେ ମଣିଷର ସବୁଠାରୁ ବିଶ୍ୱସ୍ତ ପ୍ରାଣୀ 'ଶ୍ୱାନ' । "ମସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା – ୨୦୨୬"ର ଅନ୍ତିମ ଦିବସରେ ସ୍ଥାନୀୟ ଜନତା ମଇଦାନଠାରେ ଆୟୋଜିତ ଚିତାକର୍ଷକ 'ଡଗ୍ ସୋ' ଦର୍ଶକଙ୍କ ହୃଦୟ ଜିତିଛି । ଏହି 'ଡଗ୍ ସୋ'ରେ ଜର୍ମାନ ସେଫର୍ଡ, ବେଲଜିଆନ ମାଲିନୋଇସ୍, ଲାବ୍ରାଡର୍, ହସକୀ, ପୁଡଲୀ, ମିନିଏଚର୍ ସ୍ପିନର୍ସ, କେନ୍ କର୍ସୋ, ପୋମେରିଆନ, କାରାଭାନ୍ ହାଉଣ୍ଡ, ଗ୍ରେଟ୍ ଡେନ୍, ରିଟ୍ରିଭର୍, ଗୋଲଡ୍ନେ ରିଟ୍ରିଭର୍, ବିଗଲ୍, ଆକିତା ଇନୁ, ସ୍ପିଜ୍, ଫ୍ରେଞ୍ଚ ବୁଲଡଗ୍ ଆଦି ୧୭ଟି ପ୍ରଜାତିର ୬୫ଟି ଶ୍ୱାନ ଅଂଶଗ୍ରହଣ କରିଥିଲେ ।

# ଶ୍ରୀ ଜଗନ୍ନାଥ ଓ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଂଚାୟତ ଲୋକକଳା ଗ୍ରାମ ନାରାୟଣନଗର ଠାରେ ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ଭବ୍ୟ ଯୁଗ୍ମ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବର ତୃତୀୟ ଦିବସରେ ନାମଯଜ୍ଞ, ପାରାୟଣ, ପ୍ରବଚ଼ନ ଓ ଜଳନ୍ଧର ଦରବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ପାରାୟଣ ଆରମ୍ଭ ହୋଇଥିଲା ।ଏଥିରେ ବ୍ୟାସ ଭାବେ ସୁଶ୍ରୀ ରଶ୍ମିତା ଦାସ ଶ୍ରୀରାମଙ୍କ କଥାମୃତ ଗାୟନ କରିଥିଲେ । କର୍ତ୍ତା ଭାବେ ପୁରନ୍ଦର ମେହେର ଓ ତାଙ୍କର ଧର୍ମପତ୍ନୀ ଦାୟିତ୍ୱ ତୁଲାଇଥିଲେ । ଜିତେନ୍ଦ୍ର ହୋତା ପୂଜାକାର୍ଯ୍ୟ କରିଥିଲେ । ସନ୍ଧ୍ୟାରେ ପ୍ରବଚ଼ନ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ପ୍ରବଚ଼କ ଭାବେ ପଣ୍ଡିତ ଅନଙ୍ଗ ପ୍ରସାଦ ଦାସ ଆଧାତ୍ମିକ କଥା ବସ୍ତୁ ଉପରେ ପ୍ରବଚ଼ନ ପ୍ରଦାନ କରିଥିଲେ । ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜଳନ୍ଧର ଦରବାର ଆରମ୍ଭ ହୋଇଥିଲା । ସ୍ୱର୍ଗରେ ସଚ଼ିପତି ଇନ୍ଦ୍ରକୁ ପରାଜୟ ପରେ ଆଶ୍ୱାରୋହୀ, ଗଜାରୋହୀ ପଦାତିକ ସୈନ୍ୟ ସାମ' ନେଇ ପାତାଳପୁର ଆକ୍ରମଣ କରିଥିଲେ । ପାତାଳର ରାଜ ସିଂହାସନେ ଉପବେଶନ କରି ସମସ୍ତ ଧନସଂପି ନେଇ ମର୍ତ୍ତ ମଣ୍ଡଳକୁ ପ୍ରତ୍ୟାର୍ବନ କଥା ବସ୍ତୁ ଉପରେ ନାଟକ ଜଳନ୍ଧର ଦରବାରରେ ଅଭିନୀତ ହୋଇଥିଲା । ମନ୍ଦିର କମିଟିର ଉପଦେଷ୍ଟା ଭୋଳାଗିରି



ସାହୁଙ୍କ ସଭାପତିତ୍ୱରେ ରାଜ ଦରବାରରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ଶ୍ରୀ ଶ୍ରୀ ରାମଲୀଳା ସାଂସ୍କୃତିକ ପରିଷଦ ସଭାପତି କିଶୋର ଚ଼ନ୍ଦ୍ର ମେହେର, କମିଟି ସଦସ୍ୟ ପ୍ରମୋଦ ମେହେର ମାସୀନ ଥିଲେ । ରାଜ ଦରବାରରେ ବୈଶାଖୁ ବେହେରା ମ ପରିଚ଼ାଳନା କରିଥିଲେ । ଏହାପରେ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲ, ଲକ୍ଷ୍ମୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର ଜହ୍ନାପଙ୍କ, କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ଉପଭୋଗ କରିବା ସହିତ ମିନାବଜାର ବୁଲିଥିଲେ ଏବଂ ଖାଦ୍ୟର ମଜା ନେଇଥିଲେ ।

# ସାହିତ୍ୟ ମାଧ୍ୟମରେ ପ୍ରାନ୍ତିକ ଲୋକଙ୍କ ଜୀବନ ସତ୍ୟକୁ ବିଶ୍ୱମଞ୍ଚରେ ଉପସ୍ଥାପନ କରିବା ଉପରେ ଗୁରୁତ୍ୱ

**କଟକ, ନ୍ୟୁଜ ବ୍ୟୁରୋ**

ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ପକ୍ଷରୁ ଆୟୋଜିତ "ଭଏସେସ୍ ଫ୍ରମ୍ ମାରଜିନସ୍ ଲୋକାଲ୍ ଏଣ୍ଡ୍ ଗ୍ଲୋବାଲ୍ ପରସ୍ପେକ୍ଟିଭ୍ସ" ଶୀର୍ଷକ ଆନ୍ତର୍ଜାତୀୟ ସମ୍ମିଳନୀ କନ୍‌ଭେନ୍‌ସନ୍ ସେଣ୍ଟରରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନ ସମାରୋହର ଆରମ୍ଭ ମହାରାଣୀ ସାହେବା ପାର୍ବତୀ ଦେବୀଙ୍କ ଆଗରେ ଦ୍ୱୀପ ପ୍ରଜ୍ୱଳନ କରିବା ପରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱାଗତ ସଙ୍ଗୀତ ସମାରୋହକୁ ଭାବବିହ୍ୱଳ କରିଥିଲା । ସମ୍ମିଳନୀର ନିର୍ଦ୍ଦେଶକ ପ୍ରଫେସର ଖଗେନ୍ଦ୍ର ସେଠୀ ସ୍ୱାଗତ ଭାଷଣରେ ସମାଜର ପ୍ରାନ୍ତିକ ସ୍ୱରକୁ ସାହିତ୍ୟ ଓ ସଂସ୍କୃତି ମାଧ୍ୟମରେ ଆଗକୁ ଆଣିବାର ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରିଥିଲେ । ସମ୍ମିଳନ ସଂଯୋଜକ ପ୍ରଫେସର ସମ୍ପିତ ପାଣିଗ୍ରାହୀ ଅତିଥି ପରିଚୟ ଦେଇ ସମ୍ମାଳନର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ । ମୁଖ୍ୟଅତିଥି ପ୍ରସିଦ୍ଧ କବି, ଲେଖକ ଓ ସମାଲୋଚକ ଡଃ ବାସୁଦେବ ସୁନାନୀ ସାହିତ୍ୟ ମାଧ୍ୟମରେ ପ୍ରାନ୍ତିକ ଲୋକଙ୍କ ଜୀବନ ସତ୍ୟକୁ ବିଶ୍ୱମଂଚରେ ଉପସ୍ଥାପନ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଉପକୁଳପତି (ଭାରପ୍ରାପ୍ତ) ପ୍ରଫେସର ଧର୍ମବ୍ରତ ମହାପାତ୍ର




ସମ୍ମିଳନକୁ ଶିକ୍ଷା ଓ ଗବେଷଣାର ଏକ ଗୁରୁତ୍ୱପୂର୍ଣ ମଂଚ ବୋଲି ବର୍ଣ୍ଣନା କରିଥିଲେ । ଆଲୁମିନି ଆସୋସିଏସନ୍‌ର ସଭାପତି ପ୍ରଦୋଷ ଚନ୍ଦ୍ର ମହାନ୍ତି ଏହି ଆନ୍ତର୍ଜାତୀୟ ସମ୍ମିଳନୀ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବେଶୀ ଚିନ୍ତାଧାରା, ଶାସ୍ତ୍ରୀୟ ଉତ୍କୃଷ୍ଟତା ଏବଂ ବୌଦ୍ଧିକ ପରମ୍ପରାର ସ୍ପଷ୍ଟ ପ୍ରତିବିମ୍ବ ବୋଲି ଉଲ୍ଲେଖ କରିଥିଲେ । ଏହି ଅବସରରେ ବ୍ଲକ୍ ଅଫ୍ ଅବଷ୍ଟ୍ରାକ୍ଟ ବିଭାଗୀୟ ନ୍ୟୁଜ୍‌ଲେଟର ଉଦ୍‌ଘାଟିତ ହୋଇଥିଲା । ପ୍ରଫେସର ସମ୍ପିତ ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ । ଲଣ୍ଡନ ବିଶ୍ୱବିଦ୍ୟାଳୟ, ୟୁକେର ପ୍ରଫେସର ଜେନରସ୍ ଲେର୍ଚେ, ମାଲେସିଆର ପ୍ରଫେସର ଶର୍ମନି ପାଟ୍ରିସିଆ ଗାବ୍ରିଏଲ, ଟେନେସି ଷ୍ଟେଟ୍ ୟୁନିଭରସିଟି, ଆମେରିକାର ପ୍ରଫେସର ଫିଲିପ୍ସଏଡୱାର୍ଡ ଫିଲିପ୍ସସ୍, ବ୍ରାଜିଲର ପ୍ରଫେସର ରେଜିଆନି ଏ ଏସ୍ ଜାକାରିଆସ୍, ବ୍ରାଣ୍ଡିସ୍ ବିଶ୍ୱବିଦ୍ୟାଳୟ, ଆମେରିକାର ପ୍ରଫେସର ଉଲ୍‌କା ଅଞ୍ଜାରିଆ ପ୍ରମୁଖ ତିନିଦିନ ବ୍ୟାପୀ ଏହି ସମ୍ମିଳନୀର ବିଭିନ୍ନ ଅଧିବେଶନରେ ବକ୍ତବ୍ୟ ପ୍ରଦାନ କରିବେ । କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ପ୍ରତୀକ୍ଷା ତ୍ରିପାଠୀ । ସମ୍ମିଳନୀ ଆୟୋଜନ କମିଟିର ସଦସ୍ୟ ଡଃ ଉର୍ମିଶ୍ରୀ ବେଦମାତା, ଡଃ ଗୁରୁଦେବ ମେହେର, ଡଃ ଦୀପ୍ତି ରଞ୍ଜନ ମହାରଣା, ଡଃ କୃଷ୍ଣପ୍ରଦା ଦାଶ, ଜୟଦେବ ମାଇତି, ଆର୍ଯ୍ୟପ୍ରଭା ନାୟକ, ନିଖିଲେଶ ଦାଶ, ଅଭିଷେକ ମେକାପ, ମାନବୀ ମନସ୍ୱିନୀ, ଅନିନ୍ଦିତା ଜାହ୍ନବୀ ସ୍ୱରୋ ପ୍ରମୁଖ ସମ୍ମିଳନୀ ପରିଚାଳନା କରିଥିଲେ ।

# ଜୟନଗର ଛକକୁ ବାଜପେୟୀଙ୍କ ନାମରେ ନାମିତ କରିବାକୁ ଦାବି

**ଜୟପୁର,ନ୍ୟୁଜ ବ୍ୟୁରୋ**

ଜୟପୁର ଲକ୍ଷ୍ମୀଇନ୍ଦିରା ପଣ୍ଡା ଛକ ଠାରୁ ଜୟନଗର ଯିବା ରାସ୍ତାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପାପେୟୀଙ୍କ ନାମରେ ନାମିତ କରିବାକୁ ବିଜେପି ପକ୍ଷରୁ ଦାବି କରାଯାଇଛି । ଆଜି ବିଜେପି ନେତାଙ୍କ ନେତୃତ୍ୱରେ ଜୟନଗର ମୁଖ୍ୟ ଛକକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ନାମିତ କରାଯାଉ ବୋଲି ବିଜେପି ନେତା ମାନେ ଉପଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି । ବିକାଶ ପୁରୁଷ ଅଟଳପୁରୁଷଙ୍କ ନାମରେ ନାମିତ ହୋଇଛି । ଜୟପୁର ସହରରେ ନେତାଜୀ, ଗାନ୍ଧୀ, ଶାସ୍ତ୍ରୀ, ଶର୍ଦ୍ଦାର ବଲ୍ଲବଭାଇ ପଟେଲ ଭଳି ସମସ୍ତ ବୀର ପୁରୁଷଙ୍କ ନାମରେ ନାମିତ କରାଯାଇଥିଲେ ହେଁ ଅଟଳ ବିହାରୀଙ୍କ ନାମରେ କୌଣସି ରାସ୍ତାକୁ ନାମିତ କରାଯାଇ ନାହିଁ । ସ୍ୱର୍ଗତ ଅଟଳଜୀ ଗ୍ରାମାଂଚଳରୁ ସହରାଂଚଳ ପର୍ଯ୍ୟନ୍ତ ସମସ୍ତ ରାସ୍ତା ଘାଟ ନିର୍ମାଣ ନିମନ୍ତେ ଅନେକ ଯୋଜନା କରି ପ୍ରତ୍ୟେକ କୋଣ ଅନୁକୋଣକୁ ରାସ୍ତା ସମ୍ମଯୋଗ କରିଥିଲେ । ତେଣୁ ଜୟନଗର ଛକକୁ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ନାମରେ ନାମିତ କରାଯାଉ ।

# 'ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଛାତ୍ରଛାତ୍ରୀମାନେ ମାନବୀୟ ଗୁଣ ଉପଯୋଗ କରନ୍ତୁ'

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ଉତ୍କଳମଣି ଗୋପବନ୍ଧୁ ଇନ୍‌ଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ (ୟୁଜିଆଇଇ)ର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ୟୁଜିଆଇଇର ଅଧକ୍ଷ ଇଂ ଶରତ କୁମାର ମୁଦାଲିଙ୍କ ସଭାପତିତ୍ୱ, ସାଂସ୍କୃତିକ ଉପସଭାପତି ଦୀପକ ରଞ୍ଜନ ପଟ୍ଟନାୟକଙ୍କ ଆବାହକତ୍ୱ ଓ ଅନୀମା ଏକକାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟଅତିଥି, ୟୁଜିଆଇଇର ପ୍ରାକ୍ତନ ଅଧକ୍ଷା ପ୍ରଗତି ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳା, ସମୟାନୁବର୍ତ୍ତିତା ତଥା ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଆବଶ୍ୟକ ହେଉଥିବା ମାନବୀୟ ଗୁଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଯେଉଁ ଅନୁଷ୍ଠାନ ତୁମକୁ ପରିଚୟ ଦେଇଛି, ସେହି ଅନୁଷ୍ଠାନ ପ୍ରତି ସମର୍ପିତ ଭାବ ହିଁ ତୁମକୁ ଏକ ସ୍ୱତନ୍ତ୍ର ମଣିଷ ଭାବେ ଗଢିତୋଳିବ ବୋଲି ମତ ରଖିଥିଲେ । ୧୯ ତାରିଖରୁ ୨୦ ତାରିଖ ଦୁଇଦିନ ବାର୍ଷିକ କ୍ରୀଡା ଉତ୍ସବ ଓ ୨୧ ତାରିଖ ବାର୍ଷିକୋତ୍ସବ ପାଳନ କରାଯାଇ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରାରମ୍ଭରେ ଅଧକ୍ଷ ଇଂ ମୁଦୁଲି ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅଧାପିକା କଣନିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ରାଜେଶ ତ୍ରିପାଠୀ, ଶିଶିର ଦଳେଇ, ସ୍ମୃତିରଞ୍ଜନ ମିଶ୍ର, ମୌସୁମୀ ସୁବୁଦ୍ଧି, ରଶ୍ମିତା ସେନାପତି, ସୁବାସିନୀ ଜେନା, ପଙ୍କଜ ସାମନ୍ତ, ସଦାଶିବ ପାତ୍ର ଓ ପୁରାତନ ଛାତ୍ର ସଂସଦ ଉପସ୍ଥିତ ରହି ସହଯୋଗ କରିଥିଲେ ।



ପ୍ରଭାତୀୟ
32 YEARS
ସମ୍ବାଦ କଳିକା

# ବଜେଟ୍ ୨୦୨୬: ଫେବୃଆରୀ ୧ ପରେ ମହଙ୍ଗା ହେବ ସ୍ମାର୍ଟଫୋନ୍

ବଜେଟର ବର୍ଷଟିଏ ବିତିଗଲା, ପାଖେଇ ଆସୁଛି ବଜେଟ୍ ୨୦୨୬ । ବଜେଟ୍ ଘୋଷଣା ପରେ ସ୍ମାର୍ଟଫୋନ୍ ମୂଲ୍ୟ ବୃଦ୍ଧି ହେବ ନା ହ୍ରାସ ପାଇବ ? ପ୍ରତିବର୍ଷ ପରି, ଆଶା ଅଧିକ ଯେ ବଜେଟ୍ କିଛି ଆଶ୍ୱସ୍ତି ପ୍ରଦାନ କରିବ ଏବଂ ଦୈନନ୍ଦିନ ଅତ୍ୟାବଶ୍ୟକୀୟ ଜିନିଷଗୁଡ଼ିକୁ ଶସ୍ତା କରିବ । ସ୍ମାର୍ଟଫୋନ୍ ଏବେ ଆଉ ବିଳାସପୂର୍ଣ୍ଣ ସାମଗ୍ରୀ ହୋଇ ନାହିଁ, ବର୍ତ୍ତମାନ ଏହା ଏକ ମୌଳିକ ଆବଶ୍ୟକତା । ଗତ ବର୍ଷ ମଧ୍ୟରେ ଅନେକ ଭାରତୀୟ ବ୍ରାଣ୍ଡ ଭାରତୀୟ ସ୍ମାର୍ଟଫୋନ୍ ବଜାରରେ ପ୍ରବେଶ କରିଛନ୍ତି, ଯାହା ଚୀନ୍ କମ୍ପାନୀଗୁଡ଼ିକ ପାଇଁ ଏକ କଡ଼ା ଟକ୍କର । ଚୀନ୍ କମ୍ପାନୀଗୁଡ଼ିକ ମୂଲ୍ୟ ସ୍ଥିର ରଖିଥିବା ବେଳେ, ବର୍ଷ ଶେଷରେ ସାମସଙ୍ଗ କିଛି ମଡେଲର ମୂଲ୍ୟ ବୃଦ୍ଧି କରିଛି । ଆଗାମୀ ବଜେଟ୍ ପରେ ଏହାର ମୂଲ୍ୟ ବୃଦ୍ଧି ହେବ କି ନାହିଁ ସେ ବିଷୟରେ ଚିନ୍ତା ସୃଷ୍ଟି କରିଛି । ଇଣ୍ଡିଆ ଟିଭି ଅନୁଯାୟୀ, ଶିଳ୍ପ ବିଶେଷଜ୍ଞମାନେ କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତ୍ତାର ବର୍ଦ୍ଧିତ ବିଶ୍ୱ ଚାହିଦା ମେମୋରୀ ଚିପ୍ସ ଭଳି ଅତ୍ୟାବଶ୍ୟକୀୟ ଉପାଦାନର ଅଭାବ ସୃଷ୍ଟି କରିଛି, ଯାହା ବିଶ୍ୱ ଯୋଗାଣ ଶୃଙ୍ଖଳା ଉପରେ ଚାପ ସୃଷ୍ଟି କରିଛି । ଏହା ସ୍ମାର୍ଟଫୋନ୍ ନିର୍ମାତାମାନଙ୍କ ପାଇଁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିଛି, ଯାହା ଫଳରେ ମୂଲ୍ୟ ବୃଦ୍ଧି ନକରି ଖର୍ଚ୍ଚ ହ୍ରାସ କରିବା ଆଶା କମ୍ । ଏହା ସହିତ, କମ୍ପାନୀଗୁଡ଼ିକ ସ୍ମାର୍ଟଫୋନକୁ ଅତ୍ୟଧିକ ମହଙ୍ଗା କରିବାରୁ ଏଡ଼ାଇ ଯାଉଛନ୍ତି, କାରଣ ଉଚ୍ଚ ମୂଲ୍ୟ ବଜାର ଗତିଶୀଳତାକୁ ବାଧା ଦେଇପାରେ ଏବଂ ଚାହିଦାକୁ ପ୍ରଭାବିତ କରିପାରେ । Realmeର ପୂର୍ବତନ ସିଇଓ ଏବଂ Nxtquantum Shift Technologiesର ପ୍ରତିଷ୍ଠାତା ମାଧବ ସେଠ୍ କହିଛନ୍ତି ଯେ, ଭାରତର ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ଅଛି । ସେ କହିଛନ୍ତି ଯେ ଏଆଇ-ଇଣ୍ଟିଗ୍ରେଟେଡ୍ ଡିଭାଇସଗୁଡ଼ିକର ଚାହିଦା ବୃଦ୍ଧି ପାଇବା ଯୋଗୁଁ ଫୋନର ମୂଲ୍ୟ ବୃଦ୍ଧି ପାଇଛି । ବିଶେଷଜ୍ଞମାନେ କହିଛନ୍ତି ଯେ, ଭାରତକୁ କ୍ୟାମେରା ମଡ୍ୟୁଲ୍, ବ୍ୟାଟେରୀ, ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ (PCB) ଏବଂ ଅନ୍ୟାନ୍ୟ ଜରୁରୀ ଅଂଶ ଭଳି ପ୍ରମୁଖ ସ୍ମାର୍ଟଫୋନ୍ ଉପାଦାନ ନିର୍ମାଣ କରି ମୂଲ୍ୟ ବୃଦ୍ଧି କରିବା ଉଚିତ୍ । ଗବେଷଣା ଏବଂ ବିକାଶ, ସିଷ୍ଟମ୍ ଡିଜାଇନ୍ ଏବଂ ସଫ୍ଟୱେର୍-ଆଧାରିତ ନବସୃଜନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବା ଆବଶ୍ୟକ । ବର୍ତ୍ତମାନ, ଅଧିକାଂଶ ସ୍ମାର୍ଟଫୋନ୍ ଭାରତରେ ଏକତ୍ରିତ ହେଉଛି । କିନ୍ତୁ ଅତ୍ୟାବଶ୍ୟକୀୟ ଅଂଶ ଏବେ ବି ଆମଦାନୀ ହେଉଛି । ଶିଳ୍ପ ବିଶେଷଜ୍ଞମାନେ କହିଛନ୍ତି ଯେ, ବଜେଟରେ ଲକ୍ଷ୍ୟଭେଦ କର । ପ୍ରୋତ୍ସାହନ ଏବଂ ନୀତିଗତ ସମର୍ଥନ ଏହି ଉପାଦାନଗୁଡ଼ିକର ଘରୋଇ ଉତ୍ପାଦନକୁ ବୃଦ୍ଧି କରିପାରିବ । ଏପରି ପଦକ୍ଷେପ ଖର୍ଚ୍ଚ ନିୟନ୍ତ୍ରଣ କରିବାରେ, ସ୍ମାର୍ଟଫୋନ୍ ମୂଲ୍ୟ ସ୍ଥିର କରିବାରେ ଏବଂ କିଛି କ୍ଷେତ୍ରରେ ମୂଲ୍ୟ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିପାରିବ ।

# ଶ୍ରୀଜଗନ୍ନାଥଙ୍କର ଗଜ ଉଦ୍ଧାରଣ ବେଶ



ପ୍ରସନ୍ନ କୁମାର ମିଶ୍ର
୩୮, ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨
ମୋ : ୮୦୧୮୮୭୫୩୩୫

ପ୍ରତି ବର୍ଷ ମାଘ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ପ୍ରସିଦ୍ଧ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଥାଏ । ଏହା ଶ୍ରୀଜଗନ୍ନାଥଙ୍କ କୌଣସି ଯାତ୍ରା ବା ପର୍ବ ନ ହେଲେ ହେଁ ବହୁକାଳରୁ ଅନୁଷ୍ଠିତ ହୋଇ ଆସୁଅଛି । ପୌରାଣିକ ତଥ୍ୟ ଅନୁଯାୟୀ ସତ୍ୟ ଯୁଗରେ ବରୁଣ ନାମକ ଏକ ହ୍ରଦରେ ଗଜରାଜ ସ୍ନାନ କରୁଥିବା ସମୟରେ ସେଠାରେ ଥିବା ଏକ ବିରାଟକାୟ କୁମ୍ଭୀର ତାକୁ ଆକ୍ରମଣ କରି ଗଭୀର ଜଳ ମଧ୍ୟରୁ ଟାଣି ନେବାପାଇଁ ଚେଷ୍ଟା କଲା । ନିଜ ଜୀବନ ରକ୍ଷା ପାଇଁ ସଂଘର୍ଷ କରି କ୍ଷତ ବିକ୍ଷତ ହୋଇ ଗଜରାଜ ତା' କବଳରୁ ରକ୍ଷା ପାଇବାର ବାଟ ପାଇଲା ନାହିଁ । ସେ ଅତ୍ୟନ୍ତ ବଳଶାଳୀ ହୋଇଥିଲେ ହେଁ କୁମ୍ଭୀରର ପାଟିଭିତରୁ ନିଜର ପାଦ ବାହାର କରିବାରେ ଅସମର୍ଥ ହେବାରୁ ସାଥିରେ ଥିବା ହାତୀମାନେ ଚେଷ୍ଟା କରିମଧ୍ୟ ବିଫଳ ହେଲେ । ବଳଶାଳୀ କୁମ୍ଭୀର ହାତୀକୁ ଗଭୀର ଜଳମଧ୍ୟକୁ ଟାଣିବାକୁ ଉଦ୍ୟମ କଲା । ପରିଶେଷରେ ଗଜରାଜ ଚିନ୍ତାକଲା ଯେ ଏହି ବିଷମ ପରିସ୍ଥିତିରେ ଈଶ୍ୱରଙ୍କ ବିନା ତା'ର ଅନ୍ୟ ଗତି ନାହିଁ । ସେ ଶୁଣ୍ଢରେ ଗୋଟିଏ ପ୍ରସ୍ଫୁଟିତ ପଦ୍ମଫୁଲ ଟେକିଧରି ଶ୍ରୀହରିଙ୍କୁ ପ୍ରାର୍ଥନା କରିବାରେ ଲାଗିଲା ।

ଭାଗବତରେ ଲେଖା ଅଛି; -

"ପଦ୍ମ ଗୋଟିଏ ଘେନି ହସ୍ତେ
ଉର୍ଦ୍ଧ୍ୱେ ଚାହିଁଲା ଶୂନ୍ୟ ପଥେ,
ବେଗେ ନମିଲା ଶୁଣ୍ଢ ଟେକି
ଦେଖନ୍ତେ ପ୍ରଭୁ ବନମାଳୀ ।"

ଗଜରାଜର ପ୍ରାର୍ଥନା ଶୁଣି ସ୍ୱୟଂ ଭଗବାନ ବିଷ୍ଣୁ ହ୍ରଦ କୂଳରେ ଉପସ୍ଥିତ ହେଲେ ଓ ସୁଦର୍ଶନ ଚକ୍ରରେ କୁମ୍ଭୀରର ମୁଣ୍ଡକୁ ହାଣି ତା' କବଳରୁ ହାତୀକୁ ଉଦ୍ଧାର କରିଥିଲେ । ସେହି ଲୀଳାମୟ ତତ୍ତ୍ୱକୁ ଆଧାର କରି ବହୁ ପୁରାତନ କାଳରୁ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହ ମାନଙ୍କର ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେଉଅଛି । ଗବେଷକ ସ୍ୱର୍ଗତ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ମତରେ ଭୌମବଂଶର ରାଣୀ ବକୁଳ ମହାଦେବୀ ସର୍ବପ୍ରଥମେ ଏହି ବେଶର ପ୍ରଚଳନ କରିଥିଲେ । କିଛିବର୍ଷ ବନ୍ଦ ରହିବା ପରେ ପୁନଶ୍ଚ ୧୫୭୫ ଖ୍ରୀଷ୍ଟାବ୍ଦରେ ଗଜପତି ମହାରାଜା ରାମଚନ୍ଦ୍ର ଦେବ ଏହାର ପୁନଃ ପ୍ରଚଳନ କରାଇଥିଲେ । ପରେ ୧୯୭୯ ମସିହାରେ ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ୰ ଇଲା ପଣ୍ଡା ଏହି ବେଶ ନିମନ୍ତେ ଏକକାଳୀନ ଏକଲକ୍ଷ ଏକଚାଳିଶ ହଜାର ଟଙ୍କା ଦାନ କରିବାରୁ ଉକ୍ତ ଟଙ୍କାର ବାର୍ଷିକ ସୁଧରେ ଶ୍ରୀମନ୍ଦିର ପ୍ରଶାସନ ତତ୍ତ୍ୱାବଧାନରେ ପ୍ରତିବର୍ଷ ଶ୍ରୀଜଗନ୍ନାଥଙ୍କର ଏହି ବେଶ ଅନୁଷ୍ଠିତ ହୋଇ ଆସୁଅଛି ।



ମାଘ ପୂର୍ଣ୍ଣିମା ଦିନ ଶ୍ରୀଜୀଉଙ୍କର ମଧ୍ୟାହ୍ନ ଧୂପ ବଢ଼ିବା (ଶେଷ ହେବା) ପରେ ରତ୍ନ ସିଂହାସନରେ ଏହି ବେଶ ହୋଇଥାଏ । ଗଜଉଦ୍ଧାରଣ ବେଶ ପାଇଁ କୁଶଳୀ କାରିଗରମାନେ ପୂର୍ବରୁ ଶ୍ରୀମନ୍ଦିର ନୀଳାଦ୍ରି ମ୍ୟୁଜିଅମ ଠାରେ ସୋଲ, ଜରି, ଜମ୍ଦୁରା, କନା ଓ କଇଁଅ ଅଠା ସାହାଯ୍ୟରେ, କିରୀଟ, କର୍ଣ୍ଣ କୁଣ୍ଡଳ, ସୂର୍ଯ୍ୟଚନ୍ଦ୍ର, ଅଂଷ୍ଟାପଟି, ହାତ, ବାଜୁବନ୍ଧ, ହାତଫେର, ଶଙ୍ଖ, ଚକ୍ର, ଗଦା, ପଦ୍ମ, ହଳ, ମୂଷଳ ଆଦି ଆୟୁଧ, ବାଙ୍କି ପାହୁଡ଼, ଗୋଡ଼ଖଡ଼ୁ, ହାତମାଳ, ପଦ୍ମକର୍ଢ଼ି ଓ ନାକଚଣା ପ୍ରସ୍ତୁତ କରି ରଖିଥାଆନ୍ତି । ଭିତରଛ ମହାପାତ୍ର, ତଳିଛୁ ମହାପାତ୍ର, ପୁଷ୍ପାଳକ, ଖୁଂଟିଆ ଓ ମେକାପ ଆଦି ସେବକମାନେ ତିନି ଠାକୁରଙ୍କ ଠାରେ ଏହି ବେଶ ଲାଗି କରନ୍ତି । ଏହି ବେଶରେ ରତ୍ନ ସିଂହାସନ ଉପରେ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥ ମହାପ୍ରଭୁ ଚାରିଭୁଜ ହୋଇଥାଆନ୍ତି । ବଳଭଦ୍ର ଶଙ୍ଖ, ଚକ୍ର, ହଳ ଓ ମୂଷଳ ଧାରଣ କରି ବାସୁଦେବ ରୂପରେ ବିରାଜମାନ କରନ୍ତି । ଶ୍ରୀଜଗନ୍ନାଥ ବିଷ୍ଣୁ ରୂପରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମଧାରଣ କରି ଗରୁଡ଼ ଉପରେ ବସିବା ଭଙ୍ଗୀରେ ରହନ୍ତି । ତାଙ୍କ କୋଳରେ ଲକ୍ଷ୍ମୀ (ସିଂହାସନସ୍ଥ ଶ୍ରୀଦେବୀ) ଉପବେଶନ କରିଥାଆନ୍ତି । ଦେବୀ ସୁଭଦ୍ରା ହାତରେ ଏକ ପଦ୍ମକର୍ଢ଼ି ଧରି ଶ୍ରୀକୃଷ୍ଣଙ୍କ ପରି ପାଦଛନ୍ଦି ବିରାଜିତ ହୁଅନ୍ତି । ଦୁଇଟି ହାତୀ ଶୁଣ୍ଢରେ ପଦ୍ମକର୍ଢ଼ି ଧରି ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ରହନ୍ତି । ହାତୀ ନିକଟରେ ଏକ ବିରାଟକାୟ କୁମ୍ଭୀର ତାକୁ ଆକ୍ରମଣ କରିବା ଭଙ୍ଗୀରେ ରଖାଯାଇଥାଏ । ବେଶ ସଂପୂର୍ଣ୍ଣ ହେବା ପରେ ସଂଧ୍ୟା ଧୂପ ଭୋଗ ହୁଏ । ଧୂପ ସମାପ୍ତି ହେଲେ ସାହାଣ ମେଲା ବା ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୁଏ । ବେଶରେ ତିନିଶହ କୁଡ଼ୁଆ ଖିରି ଓ ୨୪୮୬ ପଟ ଅମାଲୁ ଭୋଗ କରାଯାଇ ତାଲିକା ମୁତାବକ ପାଳିଆ ସେବକ, ବିଭିନ୍ନ ନିଯୋଗ, ବ୍ୟକ୍ତି ଓ ଧର୍ମାନୁଷ୍ଠାନ ମାନଙ୍କୁ ଏହାକୁ ବଣ୍ଟନ କରାଯିବାର ସ୍ଥିରୀକୃତ ବ୍ୟବସ୍ଥା ଅଛି ।

ଏହି ବେଶ ଶହ ଶହ ବର୍ଷ ଧରି ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଅଛି । ଶ୍ରୀମଦ୍ ଭାଗବତ ଅଷ୍ଟମ ସ୍କନ୍ଧର ୨ୟ ଅଧ୍ୟାୟର କଥାବସ୍ତୁ ଉପରେ ମହାପ୍ରଭୁଙ୍କ ଏହି ବେଶ ଆଧାରିତ । ଇଂରେଜ ଶାସନ ସମୟ ଖ୍ରୀ୧୯୦୦ମସିହାରେ ଏହି ବେଶ ଦର୍ଶନ କରିବାପାଇଁ ଶ୍ରୀମନ୍ଦିରରେ ୬୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।

# ନାଗା ସାଧୁ, ଏକ ଅତ୍ୟନ୍ତ ରହସ୍ୟମୟ ଓ ବିସ୍ମୟ ସାଧୁ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ନାଗା ସାଧୁମାନେ ହେଉଛନ୍ତି ହିନ୍ଦୁ ସନ୍ୟାସୀ ଯେଉଁମାନେ ସେମାନଙ୍କର ନଗ୍ନତା ଏବଂ ଯୁଦ୍ଧ କଳାରେ ବିଶେଷଜ୍ଞତା ପାଇଁ ପ୍ରସିଦ୍ଧ । ସେମାନେ ବିଭିନ୍ନ ଆଖଡ଼ା ଯଥା ସେମାନଙ୍କ ପୂଜାସ୍ଥଳରେ ରୁହନ୍ତି, ଏହା ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପରମ୍ପରା । ସେମାନଙ୍କର ଆଶ୍ରମ ହରିଦ୍ୱାର ଏବଂ ଅନ୍ୟାନ୍ୟ ତୀର୍ଥସ୍ଥଳର ଦୂରବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ, ଯେଉଁଠାରେ ସେମାନେ କଠୋର ଶୃଙ୍ଖଳାରେ, ସାଧାରଣ ଜୀବନରୁ ଦୂରରେ ରୁହନ୍ତି । ସେମାନଙ୍କ ସ୍ୱଭାବ ବିଷୟରେ କିମ୍ବଦନ୍ତୀ ମଧ୍ୟ ଭିଡ଼କୁ ଦୂରେଇ ରଖେ । କିନ୍ତୁ ବାସ୍ତବତା ହେଉଛି ସେମାନେ କ୍ୱଚିତ୍ କାହାକୁ କ୍ଷତି ପହଞ୍ଚାନ୍ତି । ତଥାପି, ଯଦି ବିନା କାରଣରେ ଉସୁକାଇ ଦିଆଯାଏ କିମ୍ବା ହଇରାଣ କରାଯାଏ, ତେବେ ସେମାନଙ୍କର କ୍ରୋଧରେ ଉଗ୍ର ହୋଇଯାନ୍ତି । କୁହାଯାଏ ଯେ ଯଦିଓ ବିଶ୍ୱ ତା'ର ରୂପ ପରିବର୍ତ୍ତନ କରିବାକୁ ଲାଗିଥାଏ, ତଥାପି ଶିବ ଏବଂ ଅଗ୍ନିଙ୍କ ଏହି ଭକ୍ତମାନେ ସମାନ ରୂପରେ ରହିବେ । ନାଗା ସାଧୁମାନେ ତିନି ପ୍ରକାରର ଯୋଗ ଅଭ୍ୟାସ କରନ୍ତି ଯାହା ସେମାନଙ୍କୁ ଥଣ୍ଡା ସହ ମୁକାବିଲା କରିବାରେ ସାହାଯ୍ୟ କରେ । ସେମାନେ ସେମାନଙ୍କର ଚିନ୍ତାଧାରା ଏବଂ ଖାଦ୍ୟ ଅଭ୍ୟାସ ଉଭୟରେ ସଂଯମ ଅଭ୍ୟାସ କରନ୍ତି । ନାଗା ସାଧୁମାନେ ଏକ ସାମରିକ ସମ୍ପ୍ରଦାୟ ଏବଂ ରେଜିମେଣ୍ଟରେ ବିଭକ୍ତ । ସେମାନେ ତ୍ରିଶୂଳ, ଖଣ୍ଡା, ଶଙ୍ଖ ଏବଂ ଚିଲମ୍ ସହିତ ସେମାନଙ୍କର ସାମରିକ ସ୍ଥିତି ପ୍ରଦର୍ଶନ କରନ୍ତି । ଏହି ସାଧୁମାନଙ୍କୁ ପ୍ରାୟତଃ କୁମ୍ଭମେଳାରେ ଦେଖାଯାଏ । କୁମ୍ଭମେଳାରେ ନାଗା ସାଧୁମାନଙ୍କ ବିଷୟରେ ବହୁତ କୌତୁହଳ ଏବଂ ଆଗ୍ରହ ରହିଛି, ବିଶେଷକରି ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରେ । କାରଣ ସେମାନେ କୌଣସି ପୋଷାକ ପିନ୍ଧନ୍ତି ନାହିଁ, ଶିବ ଭକ୍ତ, ନାଗା ସାଧୁମାନଙ୍କୁ ଦିଗମ୍ବର ମଧ୍ୟ କୁହାଯାଏ, ଅର୍ଥାତ୍ ଯାହାଙ୍କ ପୋଷାକ ଆକାଶ । ଧୂପ ଜାଳିବା ପରେ ଶରୀର ସାରା ପାଉଁଶ ଲାଗିବା ସହିତ, ଏହି ସାଧୁମାନେ କୁମ୍ଭମେଳାରେ କେବଳ ରାଜକୀୟ ସ୍ନାନ ସମୟରେ ଭକ୍ତମାନଙ୍କ ସମ୍ମୁଖରେ ଖୋଲାଖୋଲି ଭାବରେ ଦେଖାଯାଆନ୍ତି । ସେମାନେ ସାଧାରଣତଃ ଗଣମାଧ୍ୟମଠାରୁ ଦୂରତା ବଜାୟ ରଖନ୍ତି ।

ଅଧିକାଂଶ ନାଗା ସାଧୁ ପୁରୁଷ ଏବଂ କିଛି ମହିଳା ମଧ୍ୟ ନାଗା ସାଧୁ, କିନ୍ତୁ ସେମାନେ ସାଧାରଣତଃ ସାର୍ବଜନୀନ ଭାବରେ ଉଲଗ୍ନ ରୁହନ୍ତି ନାହିଁ ବରଂ ଏକ ଗେରୁଆ ପୋଷାକ ପିନ୍ଧନ୍ତି । ଭାରତୀୟ ସନାତନ ଧର୍ମର ବର୍ତ୍ତମାନର ରୂପର ମୂଳଦୁଆ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା । ଶଙ୍କରାଚାର୍ଯ୍ୟଙ୍କ ଜନ୍ମ ଅଷ୍ଟମ ଶତାବ୍ଦୀର ମଧ୍ୟଭାଗରେ ହୋଇଥିଲା, ଯେତେବେଳେ ଭାରତୀୟ ମାନସିକତାର ଅବସ୍ଥା ଏବଂ ଦିଗ ବହୁତ ଭଲ ନଥିଲା । ଭାରତର ଧନସମ୍ପତ୍ତିରେ ଆକର୍ଷିତ ହୋଇ ଅନେକ ଆକ୍ରମଣକାରୀ ଭାରତକୁ ଆସୁଥିଲେ । କେତେକ ସେହି ଧନସମ୍ପତ୍ତିଗୁଡ଼ିକୁ ସାଙ୍ଗରେ ନେଇଯାଉଥିଲେ, ଯେତେବେଳେ ଅନ୍ୟମାନେ ଭାରତର ଦିବ୍ୟ ଆଭାରେ ମୋହିତ ହୋଇ ଏଠାରେ ବସତି ସ୍ଥାପନ କରିଥିଲେ । କିନ୍ତୁ ସାମଗ୍ରିକ ଭାବରେ, ସାଧାରଣ ଶାନ୍ତି ଏବଂ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଥିଲା । ଈଶ୍ୱର, ଧର୍ମ ଏବଂ ଶାସ୍ତ୍ରଗୁଡ଼ିକ ତର୍କ, ଅସ୍ତ୍ରଶସ୍ତ୍ର ଏବଂ ଶାସ୍ତ୍ରଗୁଡ଼ିକ ଦ୍ୱାରା ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିଲେ । ଏହି ପରିପ୍ରେକ୍ଷୀରେ, ଶଙ୍କରାଚାର୍ଯ୍ୟ ସନାତନ ଧର୍ମ ପ୍ରତିଷ୍ଠା ପାଇଁ ଅନେକ ପଦକ୍ଷେପ ନେଇଥିଲେ, ଯେଉଁଥିରୁ ଦେଶର ଚାରି କୋଣରେ ଚାରୋଟି ପୀଠ ପ୍ରତିଷ୍ଠା ହୋଇଥିଲା । ଏଗୁଡ଼ିକ ଥିଲା ଗୋବର୍ଦ୍ଧନ ପୀଠ, ଶାରଦା ପୀଠ, ଦ୍ୱାରିକା ପୀଠ ଏବଂ ଜ୍ୟୋତିର୍ମୟ ପୀଠ । ଏହା ବ୍ୟତୀତ, ଆଦିଗୁରୁ ମଠ ଏବଂ ମନ୍ଦିରର ସମ୍ପତ୍ତି ଲୁଟୁଥିବା ଏବଂ ଭକ୍ତମାନଙ୍କୁ ହଇରାଣ କରୁଥିବା ଲୋକଙ୍କ ମୁକାବିଲା କରିବା ପାଇଁ ସନାତନ ଧର୍ମର ବିଭିନ୍ନ ସମ୍ପ୍ରଦାୟର ସଶସ୍ତ୍ର ଶାଖା, ଅଖାର ବା ସଶସ୍ତ୍ର ଶାଖା ପ୍ରତିଷ୍ଠା ଆରମ୍ଭ କରିଥିଲେ । ଆଦିଗୁରୁ ଶଙ୍କରାଚାର୍ଯ୍ୟ ଅନୁଭବ କରିଥିଲେ ଯେ ସାମାଜିକ ବିଭ୍ରାଟର ସେହି ଯୁଗରେ, କେବଳ ଆଧ୍ୟାତ୍ମିକ ଶକ୍ତି ଏହି ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବା ପାଇଁ ଯଥେଷ୍ଟ ନୁହେଁ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଯୁବ ସନ୍ନ୍ୟାସୀମାନେ ଶାରୀରିକ ବ୍ୟାୟାମ ମାଧ୍ୟମରେ ନିଜ ଶରୀରକୁ ମଜବୁତ କରିବା ଏବଂ ଅସ୍ତ୍ରଶସ୍ତ୍ରରେ ଦକ୍ଷତା ହାସଲ କରିବା ଉଚିତ । ତେଣୁ, ଏପରି ବ୍ୟାୟାମ ଏବଂ ଅସ୍ତ୍ରଶସ୍ତ୍ର ପରିଚାଳନା ଅଭ୍ୟାସ କରାଯାଉଥିବା ସ୍ଥାନରେ ମଠଗୁଡ଼ିକ ପ୍ରତିଷ୍ଠିତ ହୋଇଥିଲା । ଏହି ମଠଗୁଡ଼ିକୁ ଆଖଡା ଭାବରେ ଜଣାଶୁଣା କରାଯାଇଥିଲା । ସାଧାରଣ ଭାଷାରେ, ଆଖଡାଗୁଡ଼ିକ ସେହି ସ୍ଥାନଗୁଡ଼ିକୁ ମଧ୍ୟ ବୁଝାଏ ଯେଉଁଠାରେ ମଲ୍ଲଯୋଦ୍ଧାମାନେ ଜିମ୍ନାଷ୍ଟିକ୍ କୌଶଳ ଶିଖନ୍ତି । ସମୟ ସହିତ, ଆହୁରି ଅନେକ ଆଖଡା ଅସ୍ତିତ୍ୱ ପାଇଲା । ଶଙ୍କରାଚାର୍ଯ୍ୟ ଆଖଡାଗୁଡ଼ିକୁ ମଠ, ମନ୍ଦିର ଏବଂ ଭକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ ହେଲେ ବଳ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହିପରି, ବାହ୍ୟ ଆକ୍ରମଣର ସେହି ସମୟରେ ଏହି ଆଖଡାଗୁଡ଼ିକ ଏକ ସୁରକ୍ଷା କବଚ ଭାବରେ କାର୍ଯ୍ୟ କରିଥିଲେ ।

ବିଦେଶୀ ଆକ୍ରମଣର ସାମ୍ନାରେ ସ୍ଥାନୀୟ ରାଜାମାନେ ପ୍ରାୟତଃ ନାଗା ଯୋଦ୍ଧା ସନ୍ୟାସୀଙ୍କ ସାହାଯ୍ୟ ଲୋଡ଼ିଥିଲେ । ଇତିହାସ ଅନେକ ଗୌରବମୟ ଯୁଦ୍ଧର ବର୍ଣ୍ଣନା କରେ ଯେଉଁଥିରେ ୪୦,୦୦୦ ରୁ ଅଧିକ ନାଗା ଯୋଦ୍ଧା ଅଂଶଗ୍ରହଣ କରିଥିଲେ । ଯେତେବେଳେ ଅହମଦ ଶାହ ଅବଦାଲି ମଥୁରା-ବୃନ୍ଦାବନ ପରେ ଗୋକୁଳ ଉପରେ ଆକ୍ରମଣ କରିଥିଲେ, ନାଗା ସାଧୁମାନେ ତାଙ୍କ ସୈନ୍ୟବାହିନୀ ସହିତ ଯୁଦ୍ଧ କରି ଗୋକୁଳକୁ ରକ୍ଷା କରିଥିଲେ । ଭାରତର ସ୍ୱାଧୀନତା ପରେ, ଏହି ଆଖଡାଗୁଡ଼ିକ ସେମାନଙ୍କର ସାମରିକ ଚରିତ୍ର ପରିତ୍ୟାଗ କରିଥିଲେ । ଏହି ଆଖଡାଗୁଡ଼ିକର ମୁଖ୍ୟମାନେ ଗୁରୁତ୍ୱାରୋପ କରିଥିଲେ ଯେ ସେମାନଙ୍କର ଅନୁଗାମୀମାନେ ଭାରତୀୟ ସଂସ୍କୃତି ଏବଂ ଦର୍ଶନର ସନାତନ ମୂଲ୍ୟବୋଧକୁ ଅଧ୍ୟୟନ ଏବଂ ପାଳନ କରି ଏକ ଶୃଙ୍ଖଳିତ ଜୀବନଯାପନ କରିବା ଉଚିତ ।

# ବିଶ୍ୱବନ୍ଧୁତ୍ୱର ବିପୁଳ ଦିଗନ୍ତ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

୧୯୩୦ ଦଶକରେ ଅଷ୍ଟ୍ରେଲିଆର କିଛି ଲେଖକ, ସମାଜ-ଚିନ୍ତକ ଗୋଟେ ଆନ୍ଦୋଳନ ଆରମ୍ଭ କଲେ, ଯାହାର ନାଁ ଦେଲେ 'ଜିନ୍ଦିଓ୍ୱରୋବାକ୍' । ଏ ଶବ୍ଦଟିକୁ ସେମାନେ ଆଣିଥିଲେ ଅତୀତରେ ମେଲ୍‌ବୋର୍ଣ୍ଣ ଓ ତା'ର ଚତୁଃପାର୍ଶ୍ୱସ୍ଥ ଅଧିବାସୀମାନେ କହୁଥିବା ଓ୍ୱଇଉରାଙ୍ଗ୍ ଭାଷାରୁ । ଯା'ର ଅର୍ଥ ହେଉଛି 'ସମ୍ମିଳିତ କରିବା ।' ଏ ଆନ୍ଦୋଳନର ପୁରୋଭାଗରେ ଥିଲେ ରେକ୍ସ୍ ଇଙ୍ଗାମେଲ୍ସ, ନାନ୍ସି କାଟୋଙ୍କ ଭଳି ସ୍ୱନାମଧନ୍ୟ ଲେଖକମାନେ । ପୁଣି ୧୯୬୦ ଦଶକର ମଧ୍ୟଭାଗରେ ଜୁଡିଥ୍ ରାଇଟ୍ ଓ ଲେସ୍ ମରେଙ୍କ ଭଳି ଲେଖକମାନେ ସହାବସ୍ଥାନ, ସମାନ ଦୃଷ୍ଟି, ସାମାଜିକ-ସାଂସ୍କୃତିକ ବିକାଶର କଥା କହିଲେ, ଯାହା ସେହି ରାଷ୍ଟ୍ରରେ ବନ୍ଧୁତ୍ୱର ଅସଲ ଭିତ୍ତି ଥିଲା, କିନ୍ତୁ ପରୋକ୍ଷରେ ବୈଶ୍ୱିକ ବନ୍ଧୁତାକୁ ଇଙ୍ଗିତ କରୁଥିଲା ।

ସାମ୍ପ୍ରତିକ ସମୟରେ ବିଶ୍ୱରେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବିବାଦ, ଯୁଦ୍ଧର ବିଭୀଷିକା, ମଣିଷ-ମଣିଷ ମଧ୍ୟରେ ବିଭେଦ, ବୈଷମ୍ୟ ଦୃଶ୍ୟ ହେଉଥିଲାବେଳେ ଉପରୋକ୍ତ କଥାଗୁଡ଼ିକ ଅବଶ୍ୟ ସ୍ମରଣଯୋଗ୍ୟ । ଶ୍ୱେତକାୟ-କୃଷ୍ଣକାୟ, ଧନୀ-ନିର୍ଦ୍ଧନ, ଶିକ୍ଷିତ-ଅଶିକ୍ଷିତ, ସବଳ-ଦୁର୍ବଳ ନିର୍ବିଶେଷରେ ସବୁ ମଣିଷ ଗୋଟିଏ ଅନ୍ତଃରାଷ୍ଟ୍ରୀୟ ମଞ୍ଚରେ ସମ୍ମିଳିତ ହେବା, ବିବିଧତା ମଧ୍ୟରେ ଏକତା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଉଚ୍ଚାରଣରେ ଉଦ୍‌ବୁଦ୍ଧ ହେବା, ସମଗ୍ର ବିଶ୍ୱବାସୀଙ୍କ ସାମାଜିକ-ଆର୍ଥିକ-ସାଂସ୍କୃତିକ ବିକାଶ ନିମିତ୍ତ ଶପଥବଦ୍ଧ ହେବାର ଯେଉଁ କଥା ଏବେ କୁହାଯାଉଛି, ତାହା ବହୁ ପ୍ରାଚୀନ କାଳରେ ଖୁବ୍ ପ୍ରଭାବୀ ଢଙ୍ଗରେ କୁହାଯାଇଥିଲା, ଯେତେବେଳେ ଭାରତବର୍ଷର ବୈଦିକ ତପସ୍ୱୀମାନେ କହିଲେ, 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ୍ ବିପୁଳ ବସୁଧା ଗୋଟିଏ ପରିବାର ।

'ଶ୍ରୀମଦ୍‌ଭଗବତ୍ ଗୀତା'ରେ ଶ୍ରୀକୃଷ୍ଣ କହିଲେ, 'ଆତ୍ମଉପମ୍ୟେନ ସର୍ବତ୍ର, ସମଂ ପଶ୍ୟତି ଯୋ ଅର୍ଜୁନ' ଅର୍ଥାତ୍ 'ଯେ ସମସ୍ତ ପ୍ରାଣିଙ୍କୁ ସମାନ ଦୃଷ୍ଟିରେ ଦେଖେ ସେ ବୁଦ୍ଧିମାନ୍, ବିବେକବାନ୍ ।' ସମଦର୍ଶୀ ମଣିଷ ସମସ୍ତଙ୍କୁ ଆପଣାର କରିପାରେ ଓ ସମସ୍ତଙ୍କର ଆପଣାର ହୋଇପାରେ । ଦିନେ ବୁଦ୍ଧଦେବଙ୍କୁ ଶିଷ୍ୟ ଆନନ୍ଦ କହିଲେ, 'ମୁଁ ଭାବୁଛି ଉତ୍ତମ ବନ୍ଧୁମାନଙ୍କୁ ପାଇବା ଓ ସେମାନଙ୍କ ସହିତ ଏକତ୍ର ଅଗ୍ରଗତି କରିବା ଦ୍ୱାରା ଜଣେ ମଣିଷ ବୁଦ୍ଧ-ମାର୍ଗର ଅର୍ଦ୍ଧାଂଶ ଅତିକ୍ରମ କରିଛି ।' ବୁଦ୍ଧଦେବ ଏହାକୁ ସଂଶୋଧନ କରି ଧୀର ଅଥଚ ଦୃଢ଼ ସ୍ୱରରେ କହିଲେ, 'ଆନନ୍ଦ, ତୁମର ଏପରି ଭାବିବା ଠିକ୍ ନୁହେଁ । ଉତ୍ତମ ବନ୍ଧୁମାନଙ୍କୁ ପାଇବା ଓ ସେମାନଙ୍କ ସହିତ ଏକତ୍ର ଅଗ୍ରଗତି କରିବା ବୁଦ୍ଧ-ମାର୍ଗର ଅର୍ଦ୍ଧାଂଶ ନୁହେଁ, ସମ୍ପୂର୍ଣ୍ଣ ବୁଦ୍ଧ-ମାର୍ଗ ।' ମହାବୀର କହିଲେ, 'ମିତ୍ତି ମେ ସବ୍ୱ ଭୋଏସୁ, ଭେରମ୍ ମଜ୍‌ହାନ୍ କେନାଇ' ଅର୍ଥାତ୍ 'ମୋର ବନ୍ଧୁତା ସମସ୍ତ ପ୍ରାଣିଙ୍କ ସହିତ, ମୋର ଶତ୍ରୁତା କାହା ସହିତ ନୁହେଁ ।' ଜୈନମାନେ ପାଳନ କରୁଥିବା ପର୍ଯ୍ୟୁଷଣ ପର୍ବ ସେଥିପାଇଁ ମାନବୀୟ ଏକତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ବନ୍ଧୁତା, ଅହିଂସା ଓ ସର୍ବଜନୀନ ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରେ ।

ସୁଫି ସନ୍ଥ ଜଲାଲୁଦ୍ଦିନ୍ ରୁମି କହିଲେ, 'କାଜ୍ ମିନ୍ ଅନ୍‌ଫାସ୍ ନି ଇନ୍‌ସାନ୍', ଅର୍ଥାତ୍ କେବଳ ଶ୍ୱାସକ୍ରିୟା କରି ଆମେ ଇନ୍‌ସାନ୍ ହେବା ନାହିଁ, ଇନ୍‌ସାନ୍ ହେବା ପାଇଁ ଆମକୁ ଦୟାଶୀଳ, ସହାନୁଭୂତିପୂର୍ଣ୍ଣ ହବାକୁ ପଡ଼ିବ । 'ଆଦ୍‌ମି' ଓ 'ଇନ୍‌ସାନ୍' ମଧ୍ୟରେ ପ୍ରଭେଦ ରହିଛି । 'ଯୋ ଦମ୍ ଲେ ଓ ଆଦ୍‌ମି', ଯିଏ ଦମ୍ ନିଏ ଅର୍ଥାତ୍ ଶ୍ୱାସକ୍ରିୟା କରେ ସେ ଆଦ୍‌ମି । 'ଇନ୍‌ସାନ୍' ଶବ୍ଦଟି 'ଉନ୍‌ସ୍'ରୁ ଆସିଛି । 'ଉନ୍‌ସ୍'ର ଅର୍ଥ ସର୍ବଜନୀନ ପ୍ରୀତି । 'ଜିସ୍‌ମେଁ ଉନ୍‌ସ୍ ହୋ ଓ ଇନ୍‌ସାନ୍ ହୟ' ଅର୍ଥାତ୍ ଯା'ର ଅନ୍ତରରେ ସର୍ବଜନୀନ ପ୍ରୀତି ଅଛି ସେ ଇନ୍‌ସାନ୍ । ଆଦ୍‌ମିମାନଙ୍କ ମଧ୍ୟରେ ଯେଉଁମାନେ ଇନ୍‌ସାନ୍, କେବଳ ସେହିମାନେ ହିଁ ବିଶ୍ୱବନ୍ଧୁତ୍ୱ ପ୍ରତିଷ୍ଠାରେ ସହାୟକ ହୋଇପାରିବେ । କବି ନସ୍ତର୍ ନିସାପୁରୀଙ୍କ କବିତାର କେତୋଟି ଧାଡ଼ି, 'ଯା ତୋ ହର୍ ଚେହ୍‌ରା ମୁସ୍କୁରାୟେ ଯା ଫିର୍ ହର୍ ଚେହ୍‌ରା ରୋ ଦେ / ଯଜ୍‌ବାତ୍ ସବ୍ କେ ଏକ୍ ସେ ହୋଁ, ସଭି ସାଥ୍ ହଁସେଁ, ସଭି ସାଥ୍ ରୋୟେଁ, ଅର୍ଥାତ୍ 'ସବୁ ମୁହଁ ହସିବ କିମ୍ବା କାନ୍ଦିବ / ସମସ୍ତଙ୍କ ଭାବନା ଏକ ପ୍ରକାରର ହେବ ; ସମସ୍ତେ ସାଥି ହୋଇ ହସିବେ ଓ କାନ୍ଦିବେ / ଚାଲ ଏବେଠାରୁ ସେହିଭଳି କର୍ମ କରିବା ।'

ଯା'ର ଅର୍ଥ ଅନ୍ୟର ସୁଖ-ଦୁଃଖ, ହସ-କାନ୍ଦରେ ଆମେ ସମଭାଗୀ ହେବା । ସଂପ୍ରତି ଗାଜା, ୟୁକ୍ରେନ୍, ଆଫ୍‌ଗାନିସ୍ତାନ୍ ଓ ପୃଥିବୀର ଅନେକ ସ୍ଥାନରେ ଯେଉଁ ନରସଂହାର ଚାଲିଛି, ଯେଉଁସବୁ ଭୟାନକ ଘଟଣା ଘଟିଯାଉଛି ସେଥିପ୍ରତି ଯଦି ଆମର ଆତ୍ମା ଜାଗ୍ରତ ନହୁଏ, ତେବେ ଆମେ ସମସ୍ତେ, ରୁଷୀୟ ଲେଖକ ନିକୋଲାଇ ଗୋଗୋଲ୍‌ଙ୍କ ଉପନ୍ୟାସରେ ବର୍ଣ୍ଣିତ ଗୋଟିଏ ଗୋଟିଏ 'ମୃତାତ୍ମା' (ଡେଡ୍ ସୋଲ୍ସ) । ବିବେକାନନ୍ଦ କହିଥିଲେ, 'ଶକ୍ତି, ପ୍ରସାରଣ ଓ ପ୍ରେମ ହେଉଛି ଜୀବନ । ଦୁର୍ବଳତା, ସଂକୋଚନ ଓ ଘୃଣା ହିଁ ମୃତ୍ୟୁ ।' ଏବେ ଦଲାଇଲାମା କହିଲେ, 'ଏ ମୋର ସରଳ ଧର୍ମ । ଦେବାଳୟର ଆବଶ୍ୟକତା ନାହିଁ, ଜଟିଳ ଦର୍ଶନର ଆବଶ୍ୟକତା ନାହିଁ । ଆମ ନିଜର ମସ୍ତିଷ୍କ, ଆମ ନିଜର ହୃଦୟ ହେଉଛି ଆମର ଦେବାଳୟ, ଦର୍ଶନ ହେଉଛି ଦୟା' । ତେବେ ସାଂପ୍ରତିକ ବିଶ୍ୱରେ କିଛି କ୍ଷମତାପନ୍ନ ଲୋକଙ୍କର ହୃଦୟ ଏତେ ଦୁର୍ବଳ, ସଂକୁଚିତ, ଘୃଣାପୂର୍ଣ୍ଣ, ନିର୍ଦ୍ଦୟ କାହିଁକି ? ଯେଉଁଥିପାଇଁ ଚାରିଆଡ଼େ ମୃତ୍ୟୁର ଭୟାବହ, ଧ୍ୱଂସର ହୃଦୟ ବିଦୀର୍ଣ୍ଣକାରୀ ଦୃଶ୍ୟ ।

ପ୍ରାଚ୍ୟ ଓ ପାଶ୍ଚାତ୍ୟର ଶାସ୍ତ୍ର, ପୁରାଣ, ସାହିତ୍ୟରେ ବନ୍ଧୁତ୍ୱ ଓ ଶାନ୍ତିର ଅସୀମିତ ଦୃଷ୍ଟାନ୍ତ । ରାଜା ଦଶରଥଙ୍କର ଆଠଜଣ ମନ୍ତ୍ରୀ ଥିଲେ : ଧୃଷ୍ଟି, ଜୟନ୍ତ, ବିଜୟ, ସିଦ୍ଧାର୍ଥ, ଅର୍ଥସାଧକ, ଅଶୋକ, ମନ୍ତ୍ରପାଳ, ସୁମନ୍ତ୍ର, ଯେଉଁମାନେ ରାଜ୍ୟରେ ଶାନ୍ତି ଓ ସକଳ ବର୍ଗର ପ୍ରଜାଙ୍କ ମଧ୍ୟରେ ବନ୍ଧୁତ୍ୱ ପ୍ରତିଷ୍ଠା ପାଇଁ ରାଜାଙ୍କୁ ସମୟୋଚିତ ପରାମର୍ଶ ଦେଉଥିଲେ । ଶ୍ରୀରାମଙ୍କର ରାଜାଭିଷେକ ସମ୍ପନ୍ନ କରିଥିବା ଆଠଜଣ ଋଷି : ବଶିଷ୍ଠ, ବାମଦେବ, ଜାବାଳି, କାଶ୍ୟପ, କାତ୍ୟାୟନ, ସୁଯଜ୍ଞ, ଗୌତମ, ବିଜୟ ଥିଲେ ଶାନ୍ତିର ବାର୍ତ୍ତାବହ, ଜାଗତିକ ପ୍ରୀତି ଓ ପ୍ରତ୍ୟୟର ଜଣେ ଜଣେ ପରମାର୍ଥୀ ଦୂତ । 'ଶ୍ରୀମଦ୍‌ଭାଗବତ ମହାପୁରାଣ'ରେ ବେଦବ୍ୟାସ ପ୍ରେମରୁ ଆରମ୍ଭ କରି ମହାଭାବ ପର୍ଯ୍ୟନ୍ତ ଯେଉଁ ଆଠଗୋଟି ଭାବର କଥା କହିଲେ ତା'ର ମୂଳଭିତ୍ତିଟି ହେଉଛି 'ପ୍ରେମ' ଅର୍ଥାତ୍ ପରସ୍ପରକୁ ଭଲପାଇବାର ଭାବ ଯାହା ଗୋଟେ ବୃହତ୍ତର, ଉଚ୍ଚତର ଓ ମହତ୍ତର ଦିଗକୁ ପ୍ରତିଭାସ କରୁଛି, ତା' ହେଉଛି 'ବୈଶ୍ୱିକ ଭ୍ରାତୃତ୍ୱ ଓ ଶାନ୍ତି' । ବୁଦ୍ଧଦେବ ଆଠଟି ମାର୍ଗ ପ୍ରଦର୍ଶନ କଲେ : ସତ୍ ବିଚାର, ସତ୍ ଉଦ୍ଦେଶ୍ୟ, ସତ୍ ସଂକଳ୍ପ, ସତ୍ କଥନ, ସତ୍ କାର୍ଯ୍ୟ, ସତ୍ ଜୀବିକା, ସତ୍ ପ୍ରୟାସ, ସତ୍ ସଚେତନତା, ଯାହା ବିଶ୍ୱ-ବନ୍ଧୁତ୍ୱ ପାଇଁ ଏକାନ୍ତ ପ୍ରୟୋଜନୀୟ । ଶ୍ରୀ ଅରବିନ୍ଦ ମଣିଷର ଯେଉଁ ସାଧାରଣ ମନ, ଉଚ୍ଚତର ମନ, ଆଲୋକିତ ମନ, ବୋଧିମନ, ଅଧିମାନସ, ଅତିମାନସର ଅବତାରଣା କଲେ ତାହା ଜୀବନର ଆଧ୍ୟାତ୍ମିକ ଉତ୍କର୍ଷ ଓ ତା'ରି ଅବଲମ୍ବନରେ ସମଗ୍ର ଜଗତ୍‌ର ଶାନ୍ତି ଓ କଲ୍ୟାଣ ନିମିତ୍ତ ହିଁ ଉଦ୍ଦିଷ୍ଟ ଥିଲା । ତନ୍ତ୍ର, ଯୋଗ, ଜ୍ଞାନ, ପ୍ରେମର ଚତୁର୍ବିଧ ସାଧନାରେ ସିଦ୍ଧ ସଦ୍‌ଗୁରୁ ଶ୍ରୀ ନିଗମାନନ୍ଦ ଯେଉଁ ଆଦର୍ଶ ଗୃହସ୍ଥ ଜୀବନ, ଶିବଜ୍ଞାନରେ ଜୀବସେବା, ଅସାମ୍ପ୍ରଦାୟିକ ଭାବରେ ସନାତନ ଧର୍ମ ଅର୍ଥାତ୍ ମାନବ-ଧର୍ମର ପ୍ରଚାର ଓ ପ୍ରସାର କଥା କହିଲେ ତାହା ମାନବ-ସମୁଦାୟର ଶାନ୍ତି, ସୌହାର୍ଦ୍ଦ୍ୟ ଓ ସଦ୍‌ଭାବର ଚିରନ୍ତନ ଦୀପ୍ତିକୁ ହିଁ ପ୍ରକଟ କଲା ।

ସେକ୍ସପିୟରଙ୍କ ନାଟକ 'ମ୍ୟାକ୍‌ବେଥ୍'ରେ ଉଭୟ ଲେଡି ମ୍ୟାକ୍‌ବେଥ୍ ଓ ମ୍ୟାକ୍‌ବେଥ୍‌ଙ୍କ କ୍ଷମତା-ଲାଳସା ଉଦଗ୍ର । 'କିଙ୍ଗ୍ ଲିଅର୍' ନାଟକରେ ଲିଅର୍‌ଙ୍କ ତୋଷାମୋଦପ୍ରୀତି ଓ ତାଙ୍କ ଝିଅ ଗନେରିଲ୍ ଓ ରିଗାନ୍‌ଙ୍କ ଛଳନା ଆକାଶଛୁଆଁ । 'ଅଥେଲୋ' ନାଟକରେ ଖଳନାୟକ ଇଆଗୋର ଅସହିଷ୍ଣୁତା, ନାୟକ ଅଥେଲୋର ଅବିମୃଶ୍ୟକାରିତା, ଅପରିଣାମଦର୍ଶିତା ଉତ୍କଟ । ତେଣୁ ପାରିବାରିକ ଓ ସାମାଜିକ ଜୀବନ ବିଭ୍ରାନ୍ତ, ବିପର୍ଯ୍ୟସ୍ତ । ସେକ୍ସପିୟରଙ୍କ ନାଟକଗୁଡ଼ିକୁ ପଢ଼ିଲେ ସଂପ୍ରତି ବିଶ୍ୱର କିଛି ରାଷ୍ଟ୍ରନାୟକଙ୍କ କ୍ଷମତା-ଲାଳସା, ତୋଷାମୋଦପ୍ରୀତି, ଛଳନା, ଅସହିଷ୍ଣୁତା, ଅବିମୃଶ୍ୟକାରିତା, ଅପରିଣାମଦର୍ଶିତା କିଭଳି ସେମାନଙ୍କୁ ସମରବିଳାସୀ କରିଛି ଓ ସେମାନଙ୍କ ସମରବିଳାସରୁ ହିଂସା, ହତ୍ୟା, ରକ୍ତପାତର ବିଭୀଷିକା ସୃଷ୍ଟି ହୋଇଛି, ତାହା ଆମ ମନକୁ ସ୍ୱତଃ ଆସିଯାଏ । ବିବେକହୀନତା ଓ ବିଚାରଶୂନ୍ୟତାରୁ ସୃଷ୍ଟି ହୋଇଛନ୍ତି ଆତଙ୍କବାଦୀ, ସନ୍ତ୍ରାସବାଦୀମାନେ, ଯୁଦ୍ଧଖୋର୍ ରାକ୍ଷସମାନେ । ଦାର୍ଶନିକ ଇମାନୁଏଲ୍ କାଣ୍ଟ୍ ସେଥିପାଇଁ କହିଲେ, 'ଟ୍ରାନ୍‌ସେନ୍‌ଡେଣ୍ଟାଲ୍ ଆନାଲିଟିକ୍ ବା କନ୍‌ସେପ୍ଟ ଅଫ୍ ପିଓର୍ ଅଣ୍ଡରଷ୍ଟାଣ୍ଡିଂ (ବିଚାରବୋଧ)ର କଥା, ଟ୍ରାନ୍‌ସେନ୍ ଡେଣ୍ଟାଲ୍ ଡାୟାଲେଟିକ୍ ବା କନ୍‌ସେପ୍ଟ ଅଫ୍ ପିଓର୍ ରିଜିନ୍' (ବିବେକ)ର କଥା । ନିବନ୍ଧକାର ଚାର୍ଲସ୍ ମର୍‌ଗାନ୍ କହିଲେ, 'ପୃଥିବୀରେ ମଣିଷ ଜନ୍ମ ହୁଏ ଅନ୍ୟର ଜୀବନ ବିନାଶ କରିବା ପାଇଁ ନୁହଁ, ଅନ୍ୟର ଜୀବନ-ବିକାଶରେ ସହାୟତା କରିବା ପାଇଁ ।' ପରମାଣୁ ଶକ୍ତିର ଉଦ୍ଭାବକ ଆଲ୍‌ବର୍ଟ୍ ଆଇନ୍‌ଷ୍ଟାଇନ୍ କହିଲେ, 'ପରମାଣୁ ଶକ୍ତିରୁ ପରମାଣୁ ବୋମା ତିଆରି କର ନାହିଁ । ପରମାଣୁ ଶକ୍ତିକୁ ବିନିଯୋଗ କରି ମରୁଭୂମିକୁ ଶସ୍ୟଶ୍ୟାମଳ କର ଓ ଦୁରାରୋଗ୍ୟ ବ୍ୟାଧିର ଉପଶମ ନିମିତ୍ତ ଔଷଧ ପ୍ରସ୍ତୁତ କର ।'

ଏବେ ସମୟ ଆସିଛି ରାଷ୍ଟ୍ରନାୟକମାନେ ବିବେକ, ବିଚାରଶକ୍ତିକୁ ପ୍ରୟୋଗ କରିବା ପାଇଁ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ମାନବଜାତିର ବିନାଶ ଉଦ୍ଦେଶ୍ୟରେ ନୁହଁ ବିକାଶ ଉଦ୍ଦେଶ୍ୟରେ ଉପଯୋଗ କରିବା ପାଇଁ, ବୋମା ତିଆରି ନକରି ବାସହୀନକୁ ବାସ, ବସ୍ତ୍ରହୀନକୁ ବସ୍ତ୍ର ଯୋଗାଇଦେବା ପାଇଁ, ଅସ୍ତ୍ର ତିଆରି କାରଖାନା ନିର୍ମାଣ ନକରି ନିରନ୍ନକୁ ଅନ୍ନ ଦାନର ବ୍ୟବସ୍ଥା କରିବା ପାଇଁ । ଭବିଷ୍ୟତର ନାଗରିକ ଆଜିର ଶିଶୁ ବନ୍ଧୁକ ଚାହେଁ ନାହିଁ, ଚାହେଁ ବହି, କୃପାଣ ଚାହେଁ ନାହିଁ, ଚାହେଁ କଲମ, କ୍ଷେପଣାସ୍ତ୍ର ଚାହେଁ ନାହିଁ, ଚାହେଁ ଖାତା, ଯାହା ସାହାଯ୍ୟରେ ସେ ପଢ଼ି ଶିଖିବ, ଲେଖି ଶିଖିବ, ଆଖି ଖୋଲି ଗୋଟେ ସୁନ୍ଦର ବିଶ୍ୱକୁ ଦେଖିପାରିବ । ଶତ୍ରୁତା ଓ ସମର-ସରଣୀରେ ଶୋଣିତର ସ୍ରୋତ ବନ୍ଦ ହେବା ସେ ଚାହେଁ, ସେ ଦେଖିବାକୁ ଚାହେଁ ବିଶ୍ୱବନ୍ଧୁତ୍ୱର ବିପୁଳ ଦିଗନ୍ତରେ ଶାନ୍ତିର ଶାଶ୍ୱତ ଦୀପ୍ତି । ସେ ହବାକୁ ଚାହେଁ ଅମୃତର ଉଦ୍‌ବୋଧକ, ଉପାସକ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଧ୍ୱଜା



*କୈଳାସ ଚନ୍ଦ୍ର ସାହାଣୀ*

ଅଗଷ୍ଟ ପନ୍ଦର ଧ୍ୱଜା ଉତ୍ତୋଳନ
ସ୍ୱାଧୀନତା ପ୍ରାପ୍ତି ପରେ,
ବ୍ରିଟିଶ ପତାକା ଅବନତ କରି
ଉଡ଼େ ଫରଫର ଦୂରେ ।

ସତ୍ୟ ଶାନ୍ତି ମୈତ୍ରୀ ବୀରତ୍ୱ ପ୍ରତୀକ
ଅହିଂସା ପରମ ଧର୍ମ,
ଦେଶ ମାତୃକାର ଅଖଣ୍ଡତା ପାଇଁ
ମହନୀୟ ହେଉ କର୍ମ ।

ଜାନୁଆରୀ ମାସ ଛବିଶ ତାରିଖ
ଧ୍ୱଜା ଉଡେ ଫରଫର,
ପତାକା ଖମ୍ବର ଶେଷ ପ୍ରାନ୍ତେ ଥାଏ
ପୁଷ୍ପ ବୃଷ୍ଟି ନିରନ୍ତର ।

ସମ୍ବିଧାନ ଆମ ଶାସନ କଳର
ଅଟଇ ନ୍ୟାୟ ସଂହିତା,
ଜନଗଣ ମନ ଭାଗ୍ୟ ନିୟନ୍ତ୍ରଣ
ଦେଶ ଶାସନର ଗୀତା ।

ଗୋଟେ ଦିନ ଆମ ଧ୍ୱଜା ଉତ୍ତୋଳନ
ଅଗଷ୍ଟ ପନ୍ଦର ପାଇଁ,
ପତାକା ଖମ୍ବରେ ଧୀରେ ଧୀରେ ଉଠେ
ଶେଷେ ଉଡେ ସାଇଁ ସାଇଁ ।

ଆମ ଗଣତନ୍ତ୍ର ଦିବସେ ଉଡଇ
ଧ୍ୱଜା ଅଗ୍ରେ ହୋଇ ସ୍ଥିର,
ଜାନୁଆରୀ ମାସ ଛବିଶ ତାରିଖ
ଆମ ହୃଦୟର ଗାର ।

ଧ୍ୱଜା ଉତ୍ତୋଳନ, ଧ୍ୱଜାର ଉତାଣ
ଅଟଇ ଫରକ ଦୁଇ,
ଏ ସୂକ୍ଷ୍ମ ପ୍ରଭେଦ ବୁଝିନ ପାରିଲେ
ଧ୍ୱଜା ଅପମାନ ଭାଇ ।

ନାରଙ୍ଗି ରଙ୍ଗଟି ରହିବ ଉପରେ
ସବୁଜ ରହିବ ତଳେ,
ସୂର୍ଯ୍ୟାସ୍ତ ପୂର୍ବରୁ ଧ୍ୱଜା ଓହ୍ଲାଇବ
ସାଇତିବ କଉଶଳେ ।

ଧ୍ୱଜା ଅପମାନ କରିବାନି ଭାଇ
ଏ ମୋ ଦେଶ ଅଭିମାନ,
ଭାରତ ମାତାର ଜୟ ଜୟ ଧ୍ୱନି
ହେଉଥାଉ ଗୁଞ୍ଜରଣ ।

*ବଡବିଲ, କେନ୍ଦୁଝର*
*ମୋ-୯୪୩୭୮୪୩୨୧୯*



# କୁକୁର





**ସନ୍ତୋଷ ମିଶ୍ର**

ଥରେ ରାମେଶ୍ୱର ରୋଗୀ ଦେଖିବା ପାଇଁ ଦୂରବର୍ତ୍ତୀ ଏକ ଗାଁକୁ ଯାଇଥିଲେ। ସେଠାରେ ଅଚାନକ୍ ଗୋଟିଏ କଳା କୁକୁର ପହଞ୍ଚି ତାଙ୍କ ଗୋଡ଼ରେ ଘଷି ହେଲା, ପାଦ ଚାଟିଲା। ଅପଲକ ଆଖିରେ ଚାହିଁ ଭୁକିଲା। ତାପରେ ତାଙ୍କ ପାଦ ପାଖରେ ବସି ରହିଲା।

ରାମେଶ୍ୱର ଘଟଣାଟା ଉପରେ ଏତେ ଗୁରୁତ୍ୱ ଦେଇନଥିଲେ। ରୋଗୀ ଦେଖି ସାରିବା ପରେ ଘରକୁ ବାହାରିଲେ। ଦେଖିଲେ କୁକୁରଟି ତାଙ୍କ ପଛେ ପଛେ ଆସୁଚି। ସେ କିଛି ନକହି ମୋଟର ସାଇକେଲ ଷ୍ଟାର୍ଟ କରି ଘରକୁ ପଳାଇ ଆସିଲେ।

ଘରେ ପହଞ୍ଚିବାର କିଛି ସମୟ ପରେ କୁକୁର ଭୁକିବାର ଶବ୍ଦ ଶୁଣି ରାମେଶ୍ୱର ବାହାରକୁ ଆସି ଦେଖିଲେ ସେଇ କଳା କୁକୁର। କୁକୁରଟି ଭୁକି ସାରି ତାଙ୍କୁ କିଛି ସମୟ ଚାହିଁ ଲାଙ୍ଗୁଡ ହଲେଇଲା। ପାଖକୁ ଆସି ତାଙ୍କ ଗୋଡ଼ ପାଖରେ ଶୋଇ ପଡ଼ିଲା। ସେ ଯେମିତି ରାମେଶ୍ୱରଙ୍କୁ କହିବାକୁ ଚେଷ୍ଟା କରୁଥିଲା- ମୋତେ ଛାଡ଼ି କେମିତି ଚାଲି ଆସିଲ। ଏଥର ମୁଁ ତୁମକୁ ଛାଡ଼ି କୁଆଡେ ଯିବିନି। ସବୁବେଳେ ତମ ପାଖେପାଖେ ରହିବି। ରାତିରେ ଘର ଜଗିବି। କେହି ସନ୍ଦିଗ୍ଧ ବ୍ୟକ୍ତିକୁ ଦେଖିଲେ ଭୁକି ଭୁକି ତମକୁ ନିଦରୁ ଉଠାଇ ଦେବି। ଆଜି ଠାରୁ ସମସ୍ତ ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରି ତମେ ନିଶ୍ଚିନ୍ତରେ ରୁହ।

କଳା ମଚମଚ କୁକୁରଟିକୁ ଦେଖି ରାମେଶ୍ୱରଙ୍କ ମନରେ ମାୟା ଜାଗିଲା। କୁକୁରଟି ତାଙ୍କୁ ଅନ୍ତରଙ୍ଗ ଭଳି ଲାଗିଲା। ଯେମିତି ବହୁ ବର୍ଷର ଚିହ୍ନା ପରିଚୟ, ନିବିଡ଼ ସମ୍ପର୍କ। ଅତି ଶ୍ରଦ୍ଧାରେ ସେ ତାର ନାମ ରଖିଲେ ଲକି। ତାପରେ ଲକି ତାଙ୍କ ଘରେ ଖାଇପିଇ ବେଶ୍ ଆରାମରେ ରହିବାକୁ ଲାଗିଲା।

ରାମେଶ୍ୱର ଲଞ୍ଚ୍ ସମୟରେ ଆସିଲେ ଲକିକୁ ଖାଇବାକୁ ଦିଅନ୍ତି। ଯୋଉ ଦିନ ଆସି ନପାରନ୍ତି। ଲକି ନଖାଇ ଅପେକ୍ଷା କରି ରହିଥାଏ। ପହଞ୍ଚିଲା ମାତ୍ରେ ଭୁକିଭୁକି ସମସ୍ତଙ୍କୁ ଯେମିତି କହିଦିଏ- ଆଉ ଡେରି କରନା। ଖାଇବା ଆସ।

ରାମେଶ୍ୱର ଡାଇନିଂ ଟେବୁଲରେ ଖାଆନ୍ତି। ଲକି ଅଳ୍ପ ଦୂରରେ ଲାଙ୍ଗୁଡ ହଲେଇ ହଲେଇ ପତରରେ ଖାଉଥାଏ। କାହିଁକି କେଜାଣି ଲକିକୁ ଖାଉଥିବାର ଦେଖିଲେ, ରାମେଶ୍ୱରଙ୍କର ବାପାଙ୍କ ସହିତ ଖାଇବା କଥା ମନେପଡେ। ବାପା ତ ୧୦ବର୍ଷ ହେଲା ଆରପାରିକୁ ଗଲେଣି। କୋଉଠି ଜନ୍ମ ହୋଇ ରହିଥିବେ କେଜାଣି !!

ଥରେ ଚିକିତ୍ସା ପାଇଁ ଗାଁରୁ ନିଧି ମହାରଣା ଆସିଥିଲେ। ସେ ଜଣେ ପ୍ରଖ୍ୟାତ ଜ୍ୟୋତିଷ। ଭୂତଭବିଷ୍ୟତ ସବୁ ତାଙ୍କ ନଖ ଦର୍ପଣରେ। ମହାରଣାଙ୍କୁ ଦେଖି ନିହାତି ପରିଚିତ ଲୋକ ଭଳି ଭୁକିଭୁକି ଲାଙ୍ଗୁଡ ହଲାଉଥାଏ ଲକି। କିଛି ସମୟ ଲକିକୁ ନିରୀକ୍ଷଣ କରି ସ୍ତବ୍ଧ ହୋଇ ବସିପଡ଼ିଲେ ମହାରଣା। ହଠାତ୍ ତାଙ୍କ ପାଟିରୁ ବାହାରି ପଡ଼ିଲା- ନନା ନମସ୍କାର !

ପାଖରେ ଛିଡା ହୋଇଥିବା ରାମେଶ୍ୱର ଆଶ୍ଚର୍ଯ୍ୟ ହୋଇ କହିଲେ- ତମେ ଗୋଟେ କୁକୁରକୁ ନନା ବୋଲି ସମ୍ବୋଧନ କରି ନମସ୍କାର କରୁଚ କାହିଁକି।

ମହାରଣା ଗମ୍ଭୀର ହୋଇ କହିଲେ- ଏବେ ସିନା କୁକୁର। ହେଲେ ପୂର୍ବ ଜନ୍ମରେ ଇଏ ତମ ବାପା ଥିଲେ। ମୁଁ ତାଙ୍କୁ ଆଦରରେ ନନା ବୋଲି ଡାକୁଥିଲି। ସେ ମୋତେ ସାନ ଭାଇ ଭଳି ଭଲ ପାଉଥିଲେ।

ରାମେଶ୍ୱର ଲକ୍ଷ୍ୟ କଲେ- ଲକି ଆଖିରୁ ଧାର ଧାର ଲୁହ ବହି ଯାଉଚି।

ମହାରଣା ଲକିକୁ ଚାହିଁ କହିଲେ- ନନା, ପୂର୍ବ ଜନ୍ମରେ ବହୁ କଷ୍ଟ ସ୍ୱୀକାର କରି ପୁଅକୁ ଡାକ୍ତର କଲ। ଏ ଜନ୍ମରେ କୁକୁର ହୋଇ ପୁଅର ଘର ଜଗୁଚ। ଧନ୍ୟ କହିବ ତମର ପୁତ୍ର ସ୍ନେହକୁ !!

ଲକି ଚୁପ୍ ଚାପ୍ ଛିଡା ହୋଇ ଲାଙ୍ଗୁଡ ହଲାଉଥାଏ।

କିଛି ସମୟ ପରେ ମହାରଣା ଯିବାକୁ ବାହାରିଲେ। ଲକିକୁ ଲକ୍ଷ୍ୟ କରି କହିଲେ- ନନା, ଯାଉଚି। ପୁଣି କେବେ ଆସିଲେ ଦେଖା ହେବ।

ହଠାତ୍ ଲକି ଦୌଡ଼ି ଯାଇ ଦୁଆର ମୁହଁ ସାମ୍ନାରେ ଶୋଇ ପଡ଼ିଲା। ଆଗ ଗୋଡ଼ ମୁହଁ ପାଖରେ ରଖି ବାରମ୍ବାର ଭୁକିବାକୁ ଲାଗିଲା। ଯେମିତି ମହାରଣାଙ୍କ ଉଦ୍ଦେଶ୍ୟରେ ସେ କହିବାକୁ ଚାହୁଁଥିଲା- ନା, ତୁମେ ନଖାଇ କୁଆଡେ ଯାଇପାରିବନି।

ମହାରଣା କହିଲେ- ହଉ ନନା ତମ କଥା ମାନୁଚି। ଖାଇସାରି ଯିବି। ବ୍ୟସ୍ତ ହୁଅନା। ତମର ସେ ପୁରୁଣା ଆଦତ୍ ଏବେବି ରହିଚି। ଘରକୁ ଯିଏ ଆସିଲେ ନଖୋଇ ତମେ ଛାଡନି। ତମ ଭଳି ଲୋକ ଆଜିକାଲି ଆଉ ନାହାନ୍ତି। ପଶୁ ଜନ୍ମ ପାଇ ସୁଦ୍ଧା ତମେ ମଣିଷର ପ୍ରକୃତି ଭୁଲିନ !

ଖାଇପିଇ ମହାରଣା ଗଲାବେଳେ ଲକିକୁ କହିଲେ- ନନା ଏଥର ଖୁସି ତ ! ଆସୁଚି। ନମସ୍କାର !

ମହାରଣା ଗଲା ପରେ ଚିତ୍କାର କରି କହିଲେ ରାମେଶ୍ୱର- ଶଳା, ମୂର୍ଖ ଜ୍ୟୋତିଷ। କୁକୁରଟାକୁ ମୋ ବାପ ବନେଇ ଚାଲିଗଲା। ଆଉ ଥରେ ଆସିଲେ ଶଳାର ଜିଭ କାଟିଦେବି।

କିଛିଦିନ ଅନ୍ତେ ରାମେଶ୍ୱରଙ୍କ ଘରେ ମାଆ ପହଞ୍ଚିଲେ। ଶାରୀରିକ ଅସୁସ୍ଥତା ହେତୁ ଚିକିତ୍ସା ପାଇଁ। ମାଆଙ୍କୁ ଦେଖି ବିଗିଡ଼ିଗଲେ ରାମେଶ୍ୱର। କହିଲେ- କଣ ଏମିତି ଟିକେ ଦେହ ଖରାପ ହେଲେ ଏଠାକୁ ଦୌଡ଼ି ଆସୁଛୁ। ଉଦଳାରେ କଣ କେହି ଡାକ୍ତର ନାହାନ୍ତି।

ମାଆ କହିଲେ- ସେଠି ତ ସବୁ ପଇସା ଦିଆ ନହେଲେ କୋଟା ଡାକ୍ତର। ରୋଗୀର ଆୟୁଷ ଥିଲେ ବି ସେମାନେ ମାରିଦେବେ। ମୁଁ କଣ ଆୟୁଷ ଥାଉଁଥାଉଁ ମରିବି।

-କଣ ଏମିତି ଗପୁଚୁ.... ପଇସା ଦିଆ/ କୋଟା ଡାକ୍ତର.... ମୁଁ କିଛି ବୁଝିପାରୁନି।

-ଉଭୟେ ଅଯୋଗ୍ୟ। ବାପାମାଆଙ୍କ ଅର୍ଥ ବଳରେ ପ୍ରାଇଭେଟ୍ ମେଡିକାଲ୍‌ରେ ନାମକୁ ମାତ୍ର ପାଠ ପଢ଼ି ସାର୍ଟିଫିକେଟ୍ ହାତେଇ ଆଜି ସରକାରୀ ଡାକ୍ତର। ଆଉ କେତେକ ଜାତି ଭିତ୍ତିକ କୋଟା ବଳରେ ସରକାରୀ ଡାକ୍ତର। ସେମାନଙ୍କର ଅପାରଗତା, ଅଜ୍ଞତା ଯୋଗୁ ବହୁ ରୋଗୀ ଅକାଳରେ ମୃତ୍ୟୁ ମୁଖରେ ପଡୁଛନ୍ତି। ତୁ ପଇସା ଦିଆ କିମ୍ବା କୋଟା ଡାକ୍ତର ନୋହୁଁ। ତାଛଡା ତୁ ମୋ ପୁଅ। ସେଥିପାଇଁ ମୁଁ ଏଠାକୁ ଆସିଚି।

ମାଆଙ୍କୁ ଦେଖି ଲକି ବହୁତ୍ ଖୁସି। ଲାଙ୍ଗୁଡ଼ ହଲେଇ ହଲେଇ ବାରମ୍ବାର ଭୁକିଭୁକି ଯେମିତି କହୁଥିଲା- ତମେ ମୋତେ ଚିହ୍ନି ପାରୁଚ କି। ତମେ ତ ମଣିଷ। ମୁଁ ପଶୁ। କୁକୁର। କେମିତି ଚିହ୍ନିବ। ତାପରେ ସେ ଉପରକୁ ଅନାଇ କାନ୍ଦିବାକୁ ଲାଗିଲା। ଆଖିରୁ ଧାରଧାର ଲୁହ ବହିଗଲା। ମାଆ କିଛି ବୁଝି ନପାରି ଭାବୁଥିଲେ- ହଠାତ୍ କୁକୁରଟା କାନ୍ଦୁଚି କାହିଁକି। ତାପରେ ଅତି ସ୍ନେହରେ ସେ ତାର ପିଠି ଆଉଁସି ଦେଲେ। ଲକି କୃତକୃତ୍ୟ ଅନୁଭବ କରି ତାଙ୍କ ପାଦ ପାଖରେ ବସି ମୁହଁକୁ ତାଙ୍କ କୋଳରେ ଘଷିବାକୁ ଲାଗିଲା।

ଦିନକର ଘଟଣା। ସେଦିନ ଥାଏ ରବିବାର। କିଛି କଟା ମାଛ ବଜାରରୁ ଆଣି ସ୍ତ୍ରୀକୁ ଡାକି ରାମେଶ୍ୱର କହିଲେ- ମୁଁ ଡାକ୍ତରଖାନା ଯାଉଚି। ଆଜି ଗୋଟେ ରୋଗୀର ଅପରେସନ୍ ହେବାର ଅଛି। ଦୁଇଟା ବେଳକୁ ଫେରିବି। ଭାତ, ଡାଲି, ଭଜା ମାଛ। ବାସ୍। ଆମେ ତ ଦୁଇ ଜଣ। ମାଆ ପାଇଁ ଟିକେ ସାଧା ତରକାରୀ ବନେଇ ଦେବ ।

ଦୁଇଟା ବେଳକୁ ଆସି ରାମେଶ୍ୱର ଦେଖିଲେ କଟା ମାଛ ସେମିତି ଥୁଆ ହୋଇଛି। ସ୍ତ୍ରୀ ଶୋଇବା ଘରେ କୁନ୍ଥଉଚି। ରାମେଶ୍ୱର ପଚାରିଲେ- ଆଜି କଣ ଉପବାସ। ସ୍ତ୍ରୀ କହିଲା- ମୁଁ କଣ କରିବି। ଦେହ ଅସୁସ୍ଥ। ମାଆଙ୍କୁ କହିଲି। ସେ କିଛି ଶୁଣିଲେନି।

କଣ କରାଯିବ ! ପେଟରେ ଭୋକର ଜ୍ୱାଳା। ରାମେଶ୍ୱର ପାଖ ରୁମ୍‌କୁ ଯାଇ ଦେଖିଲେ- ମାଆ ଶୋଇଚି। ଦୁଆର ମୁହଁରେ ଲକି ଶୋଇଚି। ରାମେଶ୍ୱର ଚିତ୍କାର କରି କହିଲେ- ମା' ରନ୍ଧା ବଢ଼ା କେତେବେଳେ ହେବ। ଜାଣିଚୁ ବୋହୂ ଦେହ ଖରାପ ଅଛି। ତୁ ଚୁପ୍‌ଚାପ୍ ଶୋଇଚୁ କେମିତି। ଉଠ, ଶୀଘ୍ର ଉଠ। ମାଆ ଆଖି ଖୋଲି ଚାହିଁଲେ। ହଠାତ୍ କିଛି ବୁଝିନପାରି ପଚାରିଲେ- କଣ ହେଲା।

ଭାତ ତରକାରୀ ରାନ୍ଧିବୁ ଚାଲ୍। ମାଛ ପଚି ଯିବାକୁ ବସିଲାଣି। ତୁ ଶୋଇଚୁ।

- ମୋ ଦେହ ପରା ଖରାପ। ନହେଲେ ମୁଁ ଏଠାକୁ ଆସିଥାଆନ୍ତି କାହିଁକି। ମୁଁ ତ ମାଛ ଛୁଏଁନି। ରାନ୍ଧିବି କେମିତି।

- ମୁଁ ଏତେ କଥା ଜାଣେନି।

ଏତିକି କହି ମାଆର ଚୁଟି ଧରି ଖଟ ତଳକୁ ଘୋଷାରି ଆଣିଲେ ରାମେଶ୍ୱର। ଲକି ଖୁବ୍ ଜୋର୍‌ରେ ଭୁକି ଉଠିଲା। ରାମେଶ୍ୱର ସେ ଆଡ଼କୁ ନିଘା ନକରି ସେମିତି ମାଆକୁ ରୋଷେଇ ଘର ଆଡ଼କୁ ଘୋଷାରି ନେଇ ଯାଉଥାନ୍ତି। ମାଆ ମୁଣ୍ଡରୁ ଉପୁଡ଼ି ଯାଇଥିବା କିଛି ରକ୍ତବୋଳା ଚୁଟି ରାମେଶ୍ୱରଙ୍କ ହାତରେ ରହି ଯାଇଥିଲା।

ଲକି ଖୁବ୍ ଜୋର୍‌ରେ ଭୁକିଭୁକି ପ୍ରତିବାଦ କରୁଥିଲା- ରେ ଚଣ୍ଡାଳ ! ତୁ ଏ କଣ କରୁଚୁ। ତତେ ଧର୍ମ ଛାଡ଼ିଲାଣି କି। ତାପରେ ସେ ରାମେଶ୍ୱର ଆଡ଼କୁ ଦୌଡ଼ି ଯାଉଥିବା ସମୟରେ ରାମେଶ୍ୱର ଅଣାୟତ୍ତ କ୍ରୋଧରେ ଲକିକୁ ପ୍ରଚଣ୍ଡ ପଦାଘାତ କରି କହିଲା- ଶଳା ! ବାପ ପଣିଆ ଦେଖେଇ ହଉଚୁ। ନେ ବୁଢ଼ୀର ଚୁଟି ଖା।

ଖଣ୍ଡେ ଦୂରରେ ଛିଟିକି ହୋଇ ପଡ଼ିଥାଏ ଲକି। ଯନ୍ତ୍ରଣାରେ କୁଁ କୁଁ ହେଉଥାଏ। ରାମେଶ୍ୱର ଦୌଡ଼ି ଯାଇ ରୋଷେଇ ଘରୁ ସବୁତକ କଞ୍ଚା ମାଛ ଆଣି ଲକି ଉପରେ ଢାଳି ଦେଇ କହିଲେ- ଶଳା ! ବାପ ହେଇ ଆସିଚୁ ପରା ! ନେ ସବୁ ମାଛ ଖା। ତାପରେ ଲକିକୁ ଗୋଇଠା ପରେ ଗୋଇଠା ମାରି ଚାଲିଲେ ....

*ଉଦଳା, ମୟୂରଭଞ୍ଜ*
*ମୋ-୯୪୩୯୨୯୫୦୦୯*

# ବନ୍ଦେ ଉତ୍କଳ ଜନନୀ

*ନଳିନୀ ଦାଶ*

ହିମାଳୟ ଯାର ମଥାର ମୁକୁଟ
ସାଗର ଯାହାର ଚରଣ ଧୁଏ
ସେହି ଦେଶ ଆମ ଭାରତ ବର୍ଷଟି
ଗଙ୍ଗା ଯାହା ଶୁଭ ବନ୍ଦନା ଗାଏ ।
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ସ୍ୱର୍ଣ୍ଣପ୍ରସୁ ଭାରତ ତାର ନାମ
ମନ୍ଦିର ମାଳିନୀ ହ୍ରଦ ସ୍ରୋତସ୍ୱିନୀ
ଶୋଭାପାଏ ସେ ପୁଣ୍ୟ ତୀର୍ଥଧାମ ।
ହିମାଳୟ ଠାରୁ କୁମାରିକା ଯାଏଁ
ବାଜୁଅଛି ଯାର କିରତୀ ଗାଥା
ସେ ଆମ ଜନନୀ ଆମ ଜନ୍ମଭୂମି
ପ୍ରଣତୀ କରୁଛି ନୂଆଁଇ ମଥା ।
ସଂଗ୍ରାମ ସହିଦ୍ ଦେଶ ପ୍ରେମୀଙ୍କର
ବଳିଦାନେ ଆମ ଦେଶର ପ୍ରୀତି
ସର୍ବେ ମିଳିମିଶି ଏକତାର ମନ୍ତ୍ର
ଗାଇବା ଗର୍ବରେ ଫୁଲାଇ ଛାତି ।
ଆମରି ହାତରେ ଗଢ଼ିବା ଦେଶକୁ
ମନେ ଶାନ୍ତି ମୈତ୍ରୀ ପ୍ରୀତିକୁ ଧରି
ଆମ ଦେଶେ ଆମେ ଶାସନ କରିବା
ହୃଦୟେ ନବୀନ ପୁଲକ ଭରି ।
ତ୍ରିରଙ୍ଗାର ତଳେ ସଭିଏଁ ସମାନ
ଆମେ ଯେତେ ସବୁ ଭଉଣୀଭାଇ
ପରାଧୀନ ଦିନ ଯାଇଅଛି ହଜି
ଜାତୀୟ ସଙ୍ଗୀତ ଦେବାରେ ଗାଇ ।
ଭଗତ୍ ଆଜାଦ୍ ଗାନ୍ଧୀ ଗୋପବନ୍ଧୁ
କରିବା ସଭିଙ୍କୁ ଆମେ ଆଦର୍ଶ
ଲହୁ ଲୁହ ଢ଼ାଳି ଆମ ହାତେ ଆମେ
ଗଢ଼ିବା ସୁନାର ଭାରତବର୍ଷ ।
ଜଳାଇ ଦେବାରେ ମୁକ୍ତିର ମଶାଲ
ଶାନ୍ତିର ପତାକା ଦେବା ଉଡ଼ାଇ
ଏଇ ଭାରତର କୋଟିଏ ସନ୍ତାନ
ଆମେ ଯେତେ ସବୁ ଭଉଣୀ ଭାଇ ।
ସଂଗ୍ରାମ ସହିଦ୍ ଦେଶପ୍ରେମୀଙ୍କର
ବଳିଦାନେ ପାଳିତ ପୁଣ୍ୟ ଉତ୍ସବ
ଆମରି ଦେଶର ଆମେତ ନାଉରୀ
ତ୍ରିରଙ୍ଗା ପତାକା ଆମ ଗରବ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ବୃକ୍ଷର ଜନ୍ମ କେବେ ହେଇଥିଲା ?

*ଚିନ୍ମୟୀ ପଣ୍ଡା*



କେଜାଣି ?
କିଏ ସେ ଅମୃତ ଢାଳିଥିବ,
ଜୀବନକୁ ମାଟିରେ ଏକସାର କରିଥିବ,
ସବୁଜ ଆଭା ନେଇ କଅଁଳି ଉଠି ଆସିଥିବ,
ଦିଗବଳୟ ଝଲସି ଯାଇଥିବ,
ଯେବେ ବୃକ୍ଷର ଆଗମନ ହୋଇଥିବ।
ଗଗନୁ ପୁଷ୍ପ ବୃଷ୍ଟି ହୋଇଥିବ।
ଦେବତା ମାନେ ଆସିଥିବେ ପଂକ୍ତିରେ,
ଅପସରାଙ୍କ ନିକ୍କଣରେ, ସରସ୍ୱତୀଙ୍କ ବୀଣାରେ,
ଅପୂର୍ବ ଧ୍ୱନି ବାଜି ଉଠିଥିବ।
ଯେବେ ବୃକ୍ଷର ଆଗମନ ହୋଇଥିବ।
କେଜାଣି, ଏମିତି ବି ଲାଗେ,
ବୃକ୍ଷ ହିଁ ଜୀବନ ବା ଜୀବନର ସ୍ରୋତ ?
ପ୍ରତ୍ୟେକଙ୍କୁ ସେ ହିଁ ଗଢ଼ିନି ତ ?
ବିନ୍ଦୁ ବିନ୍ଦୁରେ ପ୍ରାଣକୁ ଦେଇଛି କି ବିତରି ?
ବିଶାଳ ତରୁକୁ କ୍ଷୁଦ୍ର ମଞ୍ଜିରେ ସାଇତିବା ପରି ?
ହଁ, ବୃକ୍ଷ ହିଁ ସେହି ଈଶ୍ୱର ଯେ,
ଗଢିଥିବ ସାରା ସଂସାର।
ବିଶାଳ ତା ଡାଳ ପତ୍ର ମେଲାଇ,
ଗଢିଥିବ ଉଜ୍ଜ୍ୱଳ ଆଲୋକ,
ଅନ୍ଧକାରକୁ କ୍ଷଣେ ଆଡେଇ।
ସେ ହିଁ ଗଢିଥିବ ମୃତ୍ତିକା
ଚେରଗୁଡିକୁ ଖେଳେଇ।
ହଁ, ବୃକ୍ଷ ହିଁ ସେହି ଈଶ୍ୱର ଯେ,
ଗଢିଥିବ ସାରା ସଂସାର।
ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ନାମ ଦେଇ
ସାରା ବ୍ରହ୍ମାଣ୍ଡ ବୋଲି ଧରି ନେଇ
ସଜାଇଲୁ ଦେବତା, ମାନବ, ରାକ୍ଷସ
ସବୁ ସେହି ବୃକ୍ଷର ଅଂଶ ବିଶେଷ।
ହଁ, ବୃକ୍ଷ ହିଁ ସେହି ଈଶ୍ୱର ଯେ,
ଗଢିଥିବ ସାରା ସଂସାର।
ମୋ ଭିତରର ବୃକ୍ଷ ପଲ୍ଲବିତ ହେଲାଣି
ମୁଁ ବି ଆଜିକାଲି ଅଜାଡି ଦେଲିଣି
ଦେଇ ପାରୁଥିବା କଳା ଶିଖିଗଲିଣି,
ମୋ ଭିତର ନାରୀ ଚେର ମେଲେଇ ଶକ୍ତ ହେଲାଣି।
ହଁ, ମୁଁ ବି ସେହି ବୃକ୍ଷ ଭଳି ଦେଖାଗଲିଣି
ସେହି ବୃକ୍ଷ ଯିଏ ସାରା ସଂସାର ଗଢି ସାରିଲାଣି।

# ନାରୀ ଲୁହ



*ସିଦ୍ଧାର୍ଥ ମିଶ୍ର*

କିଏ ସେ କହୁଛି ନାରୀଙ୍କୁ ଛୁଇଁଲେ
ହୋଇଯିବ ମହାପାପ,
ଜେଜେମା, ଆଈମା, ମାଉସୀ ଓ ମାଇଁ
କି ନାରୀ ନୁହନ୍ତି, ମିଣିପ ?
ଆଉଁସି ଦେଲେ ଯେ ଆଶିଷ ଆୟୁଷ
ବରଷଇ ମୋ ମଥାରେ,
ନୟନରେ ଯା'ର ସୁଖଦୁଃଖ ମୋର
ସକାଳୁ ସଞ୍ଜ ପହରେ ।
ହସିଦେଲେ ଲାଗେ ଦେବୀ ମାଆ ଆସି
ସରଗରୁ ଅବତରି,
ଆକଟ ଜଳରେ ଧୁଅନ୍ତି କଳୁଷ
ସିଞ୍ଚି ସେନେହର ବାରି।
କୋଳଛଡା ହୋଇ ଶିଶୁଟିଏ ଯେବେ
କଳଙ୍କ ଧୂଳିରେ ଲୋଟେ,
ପଣତରେ ପୋଛି ଜଡ଼ାଇ ଧରିଲେ
ପାପ ଧାଏଁ ଦୂରବାଟେ ।
ମନ୍ଦ ମନରେ ଛନ୍ଦ କପଟରେ
କରେ ନାରୀ ସାଥେ ଛଳ,
ନିୟତିର ଛାଟ ବାଜିବାଟା ଥୟ
ଯେତେ କଲେ କଳବଳ।
ତାଙ୍କ ନିଶ୍ୱାସରୁ ଉଧେଇନି କିଏ
ଯେତେ ବା ଚାଲାକି କଲେ,
ନାରୀଙ୍କୁ ସମ୍ମାନ କଲେ ହିଁ ସମାଜ
ଶିଷ୍ଟ ଆଉ ଭଦ୍ର ବୋଲେ ।
ଅସହାୟ ହୋଇ ଆତ୍ମହୁତି ଦେଇ
ଆଜି ଯେ ନାରୀ ମରୁଛି,
ତା ଲୁହ ତାତିରେ ସିଝିବ ସେ ପାପୀ
ଯେଉଁଠି ବା ଥାଉ ଲୁଚି।
ଆକାଶ ଧରଣୀ ସବୁର ମାଲିକ
ଜଣେ ଏକା ଥାଅ ଜାଣି,
ଯେମିତି ହେଲେବି କର୍ମର ହିସାବ
ନେବ ସିଏ ଗଣି ଗଣି।
ଯଦି ଏ ଜନମେ ଖସିଗଲା କେହି
ନ ଭୋଗି ତା କର୍ମଫଳ
ଆର ଜନମକୁ ବାକିଆ ପାପର
ଗଣୁଥିବ ସୁଧମୂଳ।

*ଆର୍ଯ୍ୟପଲୀ, କିଟ୍ ମାର୍ଗ, ପଟିଆ, ଭୁବନେଶ୍ୱର*
*ମୋ- ୭୮୫୫୮୮୫୦୮୨*

# ପ୍ରଦୂଷଣ

*ଦୀପକ କୁମାର ନାୟକ*

ବାଦାମ ଭାଜିବା ଦ୍ୱାରା ପ୍ରଦୂଷଣ
ପଲ୍ୟୁସନ୍ ବିଭାଗଟା
କହୁଅଛି ଆସି ଦୋକାନୀ ଭାଇକୁ
ପଡିବରେ ଫାଇନିଟା ।।
ବାଦାମ ଭାଜିବା କାରଣେ ହେଉଛି
ବାୟୁ ଆମ ପ୍ରଦୂଷଣ
ଆମର ଏ କଥା ନ ମାନିଲେ ଦେବ
ପାଞ୍ଚ ହଜାରଟି ଜାଣ ।।
ବିଡି ସିଗାରେଟ୍ ଗଞ୍ଜେଇ ଟାଣିଲେ
ହେଉନାହିଁ ପ୍ରଦୂଷଣ
ସେଥିପାଇଁ ବୋଧେ ଜନ ଗହଳିରେ
ଛାଡୁଛନ୍ତି ଧୁଆଁବାଣ ।।
ରୋଷେଇ କରିଲେ ଗାଡ଼ି ଚଳାଇଲେ
ପ୍ରଦୂଷଣ ବୋଧେ ଶୂନ
ସେଥିପାଇଁ ବୋଧେ ତାକୁ ନେଇ କେବେ
ହେଉନାହିଁ ବା ବାରଣ ।।
ବାଣ ଫୁଟାଇଲେ ପ୍ରଦୂଷଣ ହୁଏ
ନାହିଁ ବିଭାଗକୁ ଜଣା
ସେଥିପାଇଁ କିଛି ସମୟ ପାଇଁକି
କରିଥାଏ କଟକଣା ।।
ଶ୍ମଶାନରେ ଶବ ପୋଡିବା ଦ୍ୱାରା ବି
ହେଉନାହିଁ ପ୍ରଦୂଷଣ
ବାଦାମ ଭାଜିଲେ ପ୍ରଦୂଷଣ ଖାଲି
ହେଉଅଛି ଘନଘନ ।।

*ଯୁବ ସାମ୍ବାଦିକ, ଗଣ୍ଡାନାଳୀ,*
*ହିନ୍ଦୋଳ, ଢେଙ୍କାନାଳ*
*ମୋ-୮୬୩୭୨୬୧୮୨୮*

# ନିଗିଡ଼ି ଆସୁଥିବା ଲୁହର ହିସାବ

*ନାରାୟଣ ରାଉଳ*



ଅପଲକ ଆଖିର ଲୁହ ବେଳେବେଳେ
ମାନେନା ବନ୍ଧବାଡ,
ଗୋଟିଏ ଲୌକିକ ଅଭାବ ଭିତରେ
ବନ୍ଧା ପଡ଼ିଥିବା ମନଟିଏ ଡେଇଁଥାଏ
ଆସକ୍ତିର ସୀମା ସରହଦ
ସେଠି ଜାଲ ବିଛେଇ ଥାଏ ମାୟା
ଅଳିକ ସୁଖପାଇଁ ମିଛ ନିବିଡ଼ତାର
ଦ୍ୱାହି ଦେଇ ଯାତ୍ରା କରୁଥିବା ପଥିକଟିଏ
ଆବୋରି ବସିଥାଏ ରୂପ ଦେହ ମନ
ଧନ ଯଉବନ ସୁଖ ଆଉ ସମ୍ଭୋଗ ଏଇମିତି
କେତେକେତେ ପାର୍ଥିବ ଅସ୍ଥାୟୀ ଆକର୍ଷଣରେ,
ପଞ୍ଚଭୂତରୁ ଜାତ ଆଉ ସେଇଥିରେ ବିଲୀନ
ହେଉଥିବା ଚିରାଚରିତ ସଂସାରର
ଚଳ ଜୀବଜଗତ ତିଆରି କରିଥାନ୍ତି
ଆପଣା ଛାଏଁ ଜନ୍ମ ହେଉଥିବା ପ୍ରେମଡୋର
ସମାଜିକ ସମ୍ପର୍କ ଭାବ ଅଭାବ ଦିଆ ନିଆ
ସମୟ ସ୍ରୋତରେ,
ହେଲେ ଜାତିସ୍ମର ହେଇ ନଥିବା
ସଂସାର ପଥର ଯାତ୍ରୀଟିଏ
କେମିତିବା ବୁଝିବ ନିଷ୍ଠୁର ନିୟତିର
ହିଂସା ଇର୍ଷା ମର୍ତ୍ତ୍ୟର ମଣିଷ ଉପରେ,
ବୟସ ମାନ ସମ୍ମାନ ଧନୀ ଗରିବ
ଜ୍ଞାନୀ ଅଜ୍ଞାନ ଶୁଭ ଅଶୁଭ
ବଡ଼ ଛୋଟ ଅବସ୍ଥାର
ବିଚାର ନଥାଏ ଆଖିରେ ତାର,
ଶୁଣାଯାଏ କେବଳ କର୍ମ ମାଳର
ଗୋଟି ଗଡେଇ ଚାଲିଥାଏ ସିଏ
ଆଉ ଶେଷଟିର ଦଣ୍ଡ କିମ୍ବା ଲିତା
ହିସାବ ଭୁଲ୍ କରିନଥାଏ
ଦେହ ଆଉ ଦେହୀ ଜୀବନ ଚକ୍ରର
ମର ଆଉ ଅମର ନବଦଳାଇ
ପୁନର୍ଜନ୍ମର ବିଶ୍ୱାସ,
କୁଆଡ଼େ ସାଧୁ ଅସାଧୁ ହିସାବ
ଚାଲେ ସେଠାରେ,
ସିନ୍ଦୂର ଶଙ୍ଖା ନାଥ ଅନାଥ
ବଂଧୁ ବଇରି ମାପ ଓଜନ
ସବୁ କିଛି ବେହିସାବ,
ଖୁସି ଅଖୁସିର ଯାଏ ଆସେ ନ ଥାଏ
ଶରୀରରୁ କା' ଚାଲିଥାଏ
ଆସକ୍ତିକୁ ଭାଙ୍ଗିବାକୁ ପଡେ
ଆତ୍ମୀୟଙ୍କୁ ଅବଶିଷ୍ଟ ଜୀବନ ଜିଇବାର
ମୋହ ଅବସାଦ ଶୋଷ ଅବସୋସ
ସଅଁପି ଦେଇ,
ଇଏ ଲୀଳା ଖେଳାର ନିର୍ଯ୍ୟାସ
ହଉ ଅବା ନହଉ
ଯଶ ଅମର ବୋଲି କୁହାଯାଏ
ଠିକ୍ ପଛେ ପଛେ
କେହି ଭାବୁଥାଏ ଅଂଶୀଦାରି
ସବୁଠୁ ଆଶ୍ଚର୍ଯ୍ୟ ଆଖି ଆଗରେ
ନିଇତି ରାମନାମ ଶୁଣି ଶୁଣି ଆଉ
ଦେଖି ଦେଖି ଚିର ନିଦ୍ରାରେ
ଶୋଇ ରହିଥିବା ରିକ୍ତ ହସ୍ତ
ଆନନ୍ଦ ଅବା ବିଷାଦର ଅଶ୍ରୁ
ଆକଳନ କରୁଥାଏ କର୍ମଫଳର ।

*କଷଣଅଣ୍ଟା, ପଟ୍ଟାମୁଣ୍ଡାଇ, କେନ୍ଦ୍ରପଡା*

# ନର ପିଶାଚ



*ବନଜା ବିଶ୍ୱାଳ*

ମୁଁ ତାକୁ ଦେବତା ଭାବୁଥିଲି,
ପାଷାଣୀ ଅହଲ୍ୟାର ଉଦ୍ଧାର ପାଇଁ।
ହେଲେ ସେ ନର ପିଶାଚ
ତା' ମନର କ୍ରୁର ଭାବନାରେ
ହଳାହଳ ଭରିଥିଲା।
ତାର ଖୋଜିଲା ଖୋଜିଲା ଆଖି,
ଯେତେବେଳେ ମୋତେ ଦେଖୁଥିଲା;
ମୋର ସରଳ ମନ ଚହଲି ଯାଇଥିଲା,
ତା' ମିଛ କାହାଣୀରେ ମଜି ଯାଇଥିଲା।
ସେ ମୋ ଭିତରେ ଯାହା କିଛି
କେବେ ଖୋଜି ପାଇଯାଉଥିଲା,
ମୋତେ ନିରନ୍ତର କ୍ରୁରତାର ସହ
ଶ୍ୱାସରୁଦ୍ଧ କରି ମାରିଦେଉଥିଲା।
ମୁଁ ସେ ମନ୍ଥର ଗତିର ବିଷକ୍ରିୟା,
ଆଉ ମୃତ୍ୟୁର ଚାଦର ତଳେ।
ଧିରେ ଧିରେ ନିଜକୁ ନିଜ ଠାରୁ,
ଦୂରେଇ ଯାଉଥିବାର ଦେଖୁଥିଲି।
ତା' ଚକମକ ଆଖିର କଟାକ୍ଷରେ
ସେ ଜିତିବାର ତୃପ୍ତିରେ ବିଭୋର ଥିଲା,
ମୋର ସମସ୍ତ ସ୍ୱପ୍ନ, ସମ୍ଭାବନା,
ଉତ୍ସାହକୁ ସେ ଗ୍ରାସ କରିସାରିଥିବା ରାକ୍ଷସ
ଖୁସିରେ ମତୁଆଲା ହେଉଥିଲା।
ଭୟଭୀତ ଜୀବନର ଜୀବନ୍ତ ଦୃଶ୍ୟ,
ମୃତ୍ୟୁ ଠାରୁ କଷ୍ଟଦାୟୀ ଅତୃପ୍ତ ଜୀବନ।
ଅସଜଡା, ଅସହାୟ, ସମସ୍ତ ପୃଷ୍ଠାକୁ
ଖିନ୍‌ଭିନ୍ କରି ଆନନ୍ଦରେ ଅଟ୍ଟହାସ
କରୁଥିଲା ବେଳେ, ଅନ୍ଧାର ଗହ୍ୱରରେ
ମୁଁ କ୍ଲାନ୍ତ, ବିବଶ ହୋଇ ନିଦ୍ରୁଥିଲି।
ତାର ଖୋଜିଲା ଖୋଜିଲା ଆଖି,
ଆଜି ବି ମୋତେ ଖୋଜି ଚାଲିଛି।
ମୋର ହଜିଲା ଦିନର ସ୍ମୃତି
ଆଜି ମୋତେ ମୋ ଠାରୁ
ମେଲାଣି ମାଗୁଛି।

*ଭାଣପୁର, ଗୋପାଳପୁର,*
*କଟକ- ୭୫୩୦୧୧*
*ମୋ-୮୧୪୪୫୫୭୪୬୧*

# ମୁଖାପିନ୍ଧା ମଣିଷ

*ଦୀପିକା ହୋତା*

ମଣିଷ ଏଠି ଆତ୍ମୀୟକୁ
ଭୁଲି ଯାଇପାରେ
ବଦଳିଯାଏ ତାର ପ୍ରକୃତି
ମାନବରୁ ଦାନବ ସାଜେ
ସ୍ୱାର୍ଥ ପାଇଁ ଚରିତ୍ରକୁ ଲଗାଏ ବାଜିରେ ।।
ଏ ତ ମୁଖା ପିନ୍ଧା ମଣିଷ
ସତ୍ୟକୁ ତଣ୍ଟି ଚିପି ମାରିଦିଏ
ହାଣି ଖଣ୍ଡ ଖଣ୍ଡ କରି ପୋଡିଦିଏ
ନିଜକୁ ପ୍ରଶଂସିତ କରିବାକୁ
ଉଚ୍ଚ ଆସନର ଅଧିକାର ଲୋଭରେ ।।
ରାକ୍ଷସ ରୂପକୁ ଲୁଚାଇ
ଲୋକ ଦେଖାଣିଆ
ଭଲେଇ ହୁଏ ସେ କେତେ ସଚ୍ଚୋଟ
ପରୋପକାରୀ, ସାଧୁ, ଧାର୍ମିକ,
ଧର୍ମ କରେ ମିଛ ମିଛିକା ଅଭିନୟରେ ।।
ସତରେ ଚିହ୍ନିବା କଷ୍ଟକର
ଏଇ ମୁଖା ପିନ୍ଧା ମଣିଷକୁ
ଛଦ୍ମବେଶୀ, ବହୁରୂପୀ ଏଣ୍ଡୁଅ ପରି
ନ୍ୟାୟକୁ କଳାପଟି ବାନ୍ଧିଦେଇ
ସବୁ ଓଲଟ ପାଲଟ କରିପାରେ ।।
ସରଳତାର ସୁଯୋଗ ନେଇ
ମାଡି ବସେ ନରମ ଲୋକଙ୍କ ବିଶ୍ୱାସରେ
ବିଷ ଢାଳି ମାରିଦିଏ ନିରିହ ଆତ୍ମାକୁ
ଲୁହ ଓ ରକ୍ତର ନଦୀ ବୋହିଯାଏ
ଆଖି ଓ ହୃଦୟ ଭିତରେ ।।

*ନୂଆପଡା*
*ମୋ-୯୯୩୭୪୧୬୯୧୭*

# ପଳାଶର ଲୁହ

*ରାଜଲକ୍ଷ୍ମୀ ତ୍ରିପାଠୀ*

ଆସିଛି ଫଗୁଣ ଦେଖୁଛି ସପନ ପଳାଶ ପେନ୍ଥାରେ ଝୁଲି
ଲାଜେଇ ଯାଉଛି ରଙ୍ଗ ଅଧରରେ ଆଖିପତା ଧୀରେ ମେଲି
ଡାଳେ କୃଷ୍ଣଚୂଡ଼ା ହସେ ଖିଲି ଖିଲି ରଙ୍ଗେଇ ହୋଇଛି କେତେ
କୁନ୍ଦ ହେନା ମଲ୍ଲୀ ସାଙ୍ଗ ସାଥୀ ଧରି ମହକାନ୍ତି ବାସ ଯେତେ

ପୀରତି ପିଆଲା ପିଉଛି ଭଅଁର ମନ ମତୁଆଲା ତା'ର
ସେ କାହୁଁ ବୁଝିବ ପଳାଶ କାନ୍ଦୁଛି ଆଖିରେ ତା' ଲୁହ ଧାର
ରୂପ ସିନା ଅଛି ମହକ ନଥାଇ କେଡେ ହତାଦାର ହୁଏ
ତୋଳେନାହିଁ କିଏ ଦେବତା ମଥାକୁ ଅଲୋଡ଼ା ହୋଇ ସେ ରହେ

ତୁଚ୍ଛା ଅଭିମାନ ଭରିଛି ମନରେ ନଜାଣି ତା' ରୂପ କଥା
ବସନ୍ତ ଆସିଲେ ଜଙ୍ଗଲ ହସଇ ରୂପ ତା'ର ଜ୍ୟୋତିଶିଖା
ପଳାଶ ରଙ୍ଗରେ ରଙ୍ଗ ଖେଳେ ମାଟି ଶ୍ରୀହରି ଚରଣ ଖୋଜି
ଗୋପୀ ଗୋପୀକାଏ ପାଇଲେ ଆଶିଷ ବାସନା ବନ୍ଧନ ତେଜି

କବିଗୁରୁଙ୍କର ପ୍ରିୟଫୁଲ ସିଏ କେତେ ଯେ କାହାଣୀ ଲେଖା
କବି ଦେଖେ ତା'ର ଭାବନା ଆକାଶେ ପଳାଶ ରଙ୍ଗର ଶିଖା।

*ଫୋନ୍-୮୨୪୯୪୦୮୧୭୭*



# ଆଇସିସି-ବାଂଲାଦେଶ ବିବାଦ ପ୍ରସଙ୍ଗରେ ପ୍ରଥମ ଥର ପାଇଁ ମୁହଁ ଖୋଲିଲା ଶ୍ରୀଲଙ୍କା



**କଲମ୍ବୋ**

ବାଂଲାଦେଶ ଓ ପାକିସ୍ତାନକୁ ନେଇ ଏଥର ପୁରୁଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବେଶ ଚର୍ଚ୍ଚା ଓ ବିବାଦରେ ରହିଛି। ଏହି ବିଶ୍ୱକପ୍ ଖେଳିବାକୁ ଭାରତ ଆସିବ ନାହିଁ ବୋଲି ବାଂଲାଦେଶ କହିବା ପରେ ବଡ଼ ବିବାଦ ସୃଷ୍ଟି ହୋଇଥିଲା। ପରେ ଆଇସିସି ବାଂଲାଦେଶକୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ ତାହାକୁ ବାଦ୍ ଦେଇ ସ୍କଟଲାଣ୍ଡକୁ ସାମିଲ କରିଥିଲା। ଏହି ପ୍ରସଙ୍ଗରେ ପାକିସ୍ତାନ ବାଂଲାଦେଶକୁ ସମ୍ପୂର୍ଣ୍ଣ ସମର୍ଥନ କରି ବିଶ୍ୱକପ୍ ବର୍ଜନ ପାଇଁ ଧମକ ଦେଇ ଏକ ନୂଆ ବିବାଦ ସୃଷ୍ଟି କରିଥିଲା, ଯାହାକି ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ଶେଷ ହୋଇନାହିଁ। କିନ୍ତୁ ଏହି ବିବାଦ ସଂପର୍କରେ ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ଏପର୍ଯ୍ୟନ୍ତ ନୀରବତା ଅବଲମ୍ବନ କରିଥିଲା। ଏବେ ଏହି ବୋର୍ଡ ନିଜର ମୁହଁ ଖୋଲିଛି। ବୋର୍ଡ଼ର ସଚିବ ବାନ୍ଧୁରା ଦିସାନାୟକେ କହିଛନ୍ତି ଯେ କଲମ୍ବୋ କୌଣସି ଆଞ୍ଚଳିକ ବିବାଦରେ ପଶିବାକୁ ଚାହୁଁନଥିଲା। କାରଣ ଏହା ଭାରତ, ବାଂଲାଦେଶ ଓ ପାକିସ୍ତାନର ବିବାଦ। କିନ୍ତୁ ଏସମସ୍ତ ଦେଶ ଆମର ବନ୍ଧୁରାଷ୍ଟ୍ର ହୋଇଥିବାରୁ ଆମେ ନିରପେକ୍ଷ ରହିବାକୁ ଚାହୁଥିଲୁ। ତେବେ ଭବିଷ୍ୟତରେ ଏସବୁ ଦେଶଙ୍କ ମଧ୍ୟରେ ହେବାକୁ ଥିବା ଯେକୌଣସି ପ୍ରତିଯୋଗିତା ଆୟୋଜନ କରିବାକୁ ଶ୍ରୀଲଙ୍କା ପ୍ରସ୍ତୁତ ବୋଲି ସେ କହିଛନ୍ତି। ଆଗାମୀ ବିଶ୍ୱକପରେ ପାକିସ୍ତାନ ନିଜର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳିବ। ଏପରିକି ପାକିସ୍ତାନ ଯଦି ଫାଇନାଲକୁ ଯାଏ ତେବେ ଫାଇନାଲ ସେଠାରେ ଅନୁଷ୍ଠିତ ହେବ। ଭାରତ, ପାକିସ୍ତାନ ଓ ଆଇସିସି ମଧ୍ୟରେ ହୋଇଥିବା ତ୍ରିପାକ୍ଷିକ ଚୁକ୍ତି ଅନୁସାରେ ଆସନ୍ତା ୨୦୨୭ ପର୍ଯ୍ୟନ୍ତ ଉଭୟ ଦଳ ଏକ ନିରପେକ୍ଷ ସ୍ଥାନରେ ଖେଳିବେ।

# ଟି୨୦ ବିଶ୍ୱକପ ପୂର୍ବରୁ ଭାରତ ବିରୋଧରେ ପାକିସ୍ତାନର ବଡ଼ ଷଡଯନ୍ତ୍ର

**ଇସଲାମାବାଦ୍**

ଭାରତରେ ଫେବୃୟାରୀ ୭ରୁ ଆରମ୍ଭ ହେଉଥିବା ଟି୨୦ ବିଶ୍ୱକପ ପୂର୍ବରୁ ପଡ଼ୋଶୀ ପାକିସ୍ତାନ ନିପା ଭାଇରସ ସମ୍ପର୍କରେ ଭାରତ ବିରୋଧରେ ଏକ ନକଲି ଅଭିଯାନ ଚଳାଇଛି। ପାକିସ୍ତାନୀ ଆକାଉଣ୍ଟ ଗୁଡ଼ିକ ମିଥ୍ୟା ଦାବି କରୁଛନ୍ତି, ନିପା ଭାଇରସ ଭାରତରେ କାୟା ବିସ୍ତାର କରିଛି, ଯାହା ଟି୨୦ ବିଶ୍ୱକପକୁ ବିପଦରେ ପକାଇଛି।



ପାକିସ୍ତାନରୁ ଚାଲିଥିବା ଏହି ସମ୍ପୂର୍ଣ୍ଣ ନକଲି କାହାଣୀ ଅଭିଯାନରେ ୧୦୦,୦୦୦ରୁ ଅଧିକ ପାକିସ୍ତାନୀ ଆକାଉଣ୍ଟ ବ୍ୟବହାର କରାଯାଇଛି। ଇଓ-ଜେନେରେଟେଡ ଇମେଜ ବ୍ୟବହାର କରି, ଏହି ଅଭିଯାନ ଏପରି ଏକ ପରିବେଶ ସୃଷ୍ଟି କରିଛି ଯେ, ଭାରତରେ ଟି୨୦ ବିଶ୍ୱକପ ବାତିଲ ହୋଇପାରେ। ପାକିସ୍ତାନ ଏହି ସମ୍ପୂର୍ଣ୍ଣ କାହାଣୀ ଅଭିଯାନରେ ୪୮୯,୦୦୦ ଭାରତୀୟ ଟଙ୍କାରୁ ଅଧିକ ଖର୍ଚ୍ଚ କରିଛି। ଏହା ବ୍ୟତୀତ ସମଗ୍ର କାହାଣୀ ଅଭିଯାନରେ ବ୍ୟବହୃତ ଆକାଉଣ୍ଟର ୮୧ ପ୍ରତିଶତ ପାକିସ୍ତାନର ଥିଲା ଏବଂ ୩ ପ୍ରତିଶତ। ଏହି ଆକାଉଣ୍ଟଗୁଡ଼ିକୁ ପାକିସ୍ତାନୀ ସେନାର ଏକ୍ସ କର୍ପ୍ସ ଦ୍ୱାରା ଆଭ୍ୟନ୍ତରୀଣ ଏବଂ ବାହ୍ୟ କାହାଣୀ ଅଭିଯାନ ପରିଚାଳନା ପାଇଁ ବ୍ୟବହାର କରାଯାଏ।

ଭାରତ ବିପକ୍ଷରେ ଟି୨୦ ବିଶ୍ୱକପ ପୂର୍ବରୁ ନକଲି କାହାଣୀ ପ୍ରସାର କରିବା ପାଇଁ, ପ୍ରଥମେ ସେନାର ଏକ୍ସ କର୍ପ୍ସ ଏବଂ ଆଇଏସପିଆର ପାଇଁ କାମ କରୁଥିବା ୫-୧୦ ଜଣ ପାକିସ୍ତାନୀ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ସାହାଯ୍ୟ ନିଆଯାଇଥିଲା। ଏବଂ ତା'ପରେ ଭାରତରେ ଏକ ନକଲି ନିପା ଭାଇରସ ସଙ୍କଟର ଏହି କାହାଣୀ ଲକ୍ଷ ଲକ୍ଷ ବଟ ଆକାଉଣ୍ଟ ମାଧ୍ୟମରେ ପ୍ରସାରିତ ହୋଇଥିଲା। ପାକିସ୍ତାନୀ ସେନାର ଏକ୍ସ କର୍ପ୍ସ ବର୍ତ୍ତମାନ ରାୱଲପିଣ୍ଡିରେ ମୁଖ୍ୟାଳୟ ଏବଂ ମେଜର ଜେନେରାଲ ଆମିର ଏହସାନ ନୱାଜଙ୍କ ନେତୃତ୍ୱରେ କାର୍ଯ୍ୟ କରୁଛି, ଯିଏ ସମ୍ପ୍ରତି ଓଝକଚ ଏବଂ ଲସ୍କର-ଏ-ତୋଇବାର ମିଳିତ ବ୍ରିଗେଡ ପ୍ରତିଷ୍ଠା କରିଥିଲେ।

ଭାରତରେ ଏପର୍ଯ୍ୟନ୍ତ ନିପା ଭାଇରସର କେବଳ ଦୁଇଟି ମାମଲା ରିପୋର୍ଟ ହୋଇଛି ଏବଂ ଉଭୟ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏହା ବ୍ୟତୀତ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିପା ଭାଇରସ ଚିହ୍ନଟ ଏବଂ ପ୍ରତିରୋଧ ପାଇଁ ସତର୍କ ରହିଛି। ଏହି ଦୁଇ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୧୯୬ରୁ ଅଧିକ ଲୋକଙ୍କର ପରୀକ୍ଷା କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ କାହାରି ନିପା ଭାଇରସର କୌଣସି ଲକ୍ଷଣ ଦେଖାଯାଇ ନାହିଁ କିମ୍ବା ସେମାନଙ୍କ ପରୀକ୍ଷାରେ ପଜିଟିଭ ଆସିନାହିଁ।

# ଆକ୍ଟିଭ୍ ହେଲା ବିରାଟ କୋହଲିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ

**ନୂଆଦିଲ୍ଲୀ**

ହଠାତ୍ ଗାଏବ ହୋଇଯାଇଥିବା ବିରାଟ କୋହଲିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ପୁଣିଥରେ ଆକ୍ଟିଭ୍ ହୋଇଛି। କୋହଲି ତାଙ୍କ ଆକାଉଣ୍ଟ ଡିଆକ୍ଟିଭେଟ୍ କରିଦେଇଥିବା ପ୍ରଶଂସକ ଭାବୁଥିଲେ। କିନ୍ତୁ ଏହା ଏକ ଯାନ୍ତ୍ରିକ ତ୍ରୁଟି ବୋଲି ଜଣାପଡିଛି। ଇନଷ୍ଟାଗ୍ରାମ ଫଲୋଅର୍ସଙ୍କ କ୍ଷେତ୍ରରେ ବିଶ୍ୱର ଅନ୍ୟ କୌଣସି କ୍ରିକେଟର ଭାରତୀୟ କ୍ରିକେଟ ଦଳର ଷ୍ଟାର ଖେଳାଳି କୋହଲିଙ୍କୁ ପଛରେ ପକାଇ ନାହାନ୍ତି। କୋହଲିଙ୍କର ୨୭୪ ନିୟୁତ ଫଲୋଅର୍ସ ଅଛନ୍ତି। ସେ ନିଜେ ୨୮୩ ଆକାଉଣ୍ଟକୁ ଫଲୋ କରନ୍ତି। ବିରାଟ କୋହଲିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ଗାଏବ ହେବା ଜଣାପଡ଼ିବା ପରେ ସେ ଚର୍ଚ୍ଚାରେ ସ୍ଥାନ ପାଇଥିଲେ। କୋହଲି ସୋସିଆଲ ମିଡିଆରୁ ବିରତି ନେବାକୁ ନିଷ୍ପତ୍ତି ନେଇଥିବା ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା। ତଥାପି ଏକ ତ୍ରୁଟି ମଧ୍ୟ ଥିଲା, କାରଣ ସେ ପୂର୍ବରୁ ସୋସିଆଲ ମିଡିଆ ଛାଡିବା କିମ୍ବା ଏଥିରୁ ନିଜକୁ ଦୂରେଇ ରଖିବାର କୌଣସି ସୂଚନା ଦେଇ ନ ଥିଲେ।

# ମହେନ୍ଦ୍ର ସିଂହ ଧୋନିଙ୍କୁ ହଠାତ ଭେଟିଲେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ

**ରାଞ୍ଚି**

ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ହଠାତ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଭେଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ମୁଖ୍ୟମନ୍ତ୍ରୀ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ବୈଠକର ଏକ ଫଟୋ ପୋଷ୍ଟ କରି ଲେଖିଛନ୍ତି, 'ମାହିଙ୍କ ସହ ମୋର ଏକ ଆଶ୍ଚର୍ଯ୍ୟଜନକ ସାକ୍ଷାତ ହୋଇଥିଲା।' ଫଟୋରେ ଧୋନିଙ୍କୁ ମଝିରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ବିଧାୟକ କଳ୍ପନା ସୋରେନଙ୍କ ସହ ଦେଖାଯାଉଛି। ଏହି ସାକ୍ଷାତ ପଛର କାରଣ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ। ବିଶ୍ୱାସ କରାଯାଉଛି ଯେ ହେମନ୍ତ ସୋରେନ ଏବଂ ଧୋନି ନୂତନ ବର୍ଷର ଶୁଭେଚ୍ଛା ଆଦାନପ୍ରଦାନ କରିଥିଲେ।

ଧୋନି ଏବଂ ହେମନ୍ତ ସୋରେନଙ୍କ ମଧ୍ୟରେ ଏହି ସାକ୍ଷାତ ପୂର୍ବରୁ, ମୁଖ୍ୟମନ୍ତ୍ରୀ ଡାଭୋସରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମ ବୈଠକରେ ମହେନ୍ଦ୍ର ସିଂହ ଧୋନିଙ୍କ ବିଷୟରେ ମଧ୍ୟ କହିଥିଲେ। ସେ ଧୋନିଙ୍କୁ ଝାଡ଼ଖଣ୍ଡର କ୍ରୀଡ଼ା ଐତିହ୍ୟର ପ୍ରତୀକ ଭାବରେ ବର୍ଣ୍ଣନା କରିଥିଲେ। ସେ ସେତେବେଳେ କହିଥିଲେ ଯେ ଧୋନିଙ୍କ ଭଳି ଜଣେ ଆଇକନ ସହିତ, ଝାଡ଼ଖଣ୍ଡରେ ବିଶ୍ୱସ୍ତରୀୟ କ୍ରୀଡ଼ା ଏକାଡେମୀ ବିକାଶ କରିବାର ଅପାର ସମ୍ଭାବନା ଅଛି।

# ଦୌଡ଼ରାଣୀ ପି.ଟି. ଉଷାଙ୍କ ସ୍ୱାମୀ ଭି. ଶ୍ରୀନିବାସନଙ୍କ ପରଲୋକ : ଶୋକ ପ୍ରକାଶ କଲେ ମୋଦି

**ନୂଆଦିଲ୍ଲୀ**

ଭାରତୀୟ ଅଲିମ୍ପିକ ଆସୋସିଏସନର ସଭାପତି ଏବଂ ରାଜ୍ୟ ସଭା ସଦସ୍ୟ ପି.ଟି. ଉଷାଙ୍କ ସ୍ୱାମୀ ଭି. ଶ୍ରୀନିବାସନଙ୍କ ଶୁକ୍ରବାର ସକାଳେ ଦେହାନ୍ତ ହୋଇଛି। ପରିବାର ସୂତ୍ରରୁ ତାଙ୍କ ମୃତ୍ୟୁକୁ ନିଶ୍ଚିତ କରାଯାଇଛି। ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁକୁ ନେଇ କ୍ରୀଡ଼ା ଏବଂ ସାମାଜିକ ମହଲରେ ଶୋକର ଛାୟା ଖେଳିଯାଇଛି। ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭି. ଶ୍ରୀନିବାସନ ଶୁକ୍ରବାର ସକାଳେ ତାଙ୍କ ବାସଭବନରେ ହଠାତ ଚେତାଶୂନ୍ୟ ହୋଇଗଲେ। ତାଙ୍କୁ ନିକଟସ୍ଥ ଏକ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ସମସ୍ତ ଚିକିତ୍ସା ପ୍ରୟାସ ସତ୍ତ୍ୱେ ତାଙ୍କ ଜୀବନ ବଞ୍ଚାଯାଇ ପାରିଲା ନାହିଁ। ଭି. ଶ୍ରୀନିବାସନ ଜଣେ ପୂର୍ବତନ କେନ୍ଦ୍ର ସରକାରୀ କର୍ମଚାରୀ ଥିଲେ। ସେ ପି.ଟି. ଉଷାଙ୍କ ଚମତ୍କାର କ୍ରୀଡ଼ା କ୍ୟାରିଅର ଏବଂ ତାଙ୍କ ରାଜନୈତିକ ଯାତ୍ରାର ପ୍ରତ୍ୟେକ ପଦକ୍ଷେପରେ ତାଙ୍କ ସହିତ ଠିଆ ହୋଇଥିଲେ। ତାଙ୍କୁ ଉଷା ଏବଂ ତାଙ୍କ ଅନେକ ବୃତ୍ତିଗତ ସଫଳତା ପଛରେ ଥିବା ପ୍ରେରଣାଦାୟକ ଶକ୍ତି ପାଇଁ ଏକ ଦୃଢ଼ ସମର୍ଥନ ଭାବରେ ବିବେଚନା କରାଯାଉଥିଲା। ପି.ଟି. ଉଷା ଏବଂ ଭି. ଶ୍ରୀନିବାସନର ଉଜ୍ଜ୍ୱଳ ନାମକ ଏକ ପୁଅ ଅଛି।

ପ୍ରଧାନମନ୍ତ୍ରୀ ମୋଦି ଏହି ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି ଏବଂ ସ୍ୱର୍ଗତ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିଛନ୍ତି। କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ ମଧ୍ୟ ଭି. ଶ୍ରୀନିବାସନଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି। ଏକ ପୋଷ୍ଟରେ ସେ କହିଛନ୍ତି, 'ରାଜ୍ୟ ସଭା ଏମପି ଏବଂ ଭାରତୀୟ ଅଲିମ୍ପିକ ସଂଘର ସଭାପତି ପି.ଟି. ଉଷାଙ୍କ ସ୍ୱାମୀ ଭି. ଶ୍ରୀନିବାସନଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ। ପି.ଟି. ଉଷା ଏବଂ ତାଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା। ଏହି କଷ୍ଟକର ସମୟରେ ମୁଁ ଭଗବାନଙ୍କୁ ଶକ୍ତି ପ୍ରଦାନ ପାଇଁ ପ୍ରାର୍ଥନା କରୁଛି।'

# ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ଫେବୃୟାରୀ ମାସ ୩ ତାରିଖରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରସ୍ତାବିତ ପୁରୀ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫେବୃୟାରୀ ୩ ତାରିଖ ଅପରାହ୍ଣରେ ମହାମହିମ ରାଷ୍ଟ୍ରପତି ପୁରୀରେ ପହଞ୍ଚିବେ। ତା' ପରଦିନ ଅର୍ଥାତ ୪ ତାରିଖ ପ୍ରତ୍ୟୁଷରୁ ଶ୍ୱେତଗଙ୍ଗାରେ ପିଣ୍ଡଦାନ ପରେ ମହାପ୍ରଭୁଙ୍କ ଦର୍ଶନର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ସମସ୍ତ ବିଭାଗ ନିଜ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠାର ସହ ସମ୍ପର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କୌଣସି ଠାରେ ଯେପରି



କିଛି ତୃଟି ନ ରୁହେ ସେଥିପ୍ରତି ଯତ୍ନବାନ ହେବା ସହ ପାରସ୍ପରିକ ସହଯୋଗ ମଧ୍ୟରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏସ୍‌ପି ପ୍ରତୀକ ସିଂ ଟ୍ରାଫିକ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିବା ସହ ପୂର୍ବ ସମୟର ରାଷ୍ଟ୍ରପତିଙ୍କ ଗସ୍ତର ଅଭିଜ୍ଞତା ଆଧାର ରେ ଚଳିତ ଗସ୍ତକୁ ଆହୁରି ଭଲ ଭାବରେ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ। ବିସ୍ତୃତ ଆଲୋଚନା ପରେ ତାଳବଣିଆ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତି ଙ୍କୁ ସ୍ୱାଗତ, ରାଷ୍ଟ୍ରପତି ଓ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀମାନଙ୍କ ରହଣି ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ଖାଦ୍ୟ ବ୍ୟବସ୍ଥା, ସୁରକ୍ଷା, ବ୍ୟାରିକେଡ୍ ଓ ଟ୍ରାଫିକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ରାସ୍ତା ମରାମତି, ପାନୀୟ ଜଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ଓ ଟେଲିଫୋନ ଯୋଗାଯୋଗ ବ୍ୟବସ୍ଥା, ଶୌଚାଳୟ ଓ ପରିମଳ ବ୍ୟବସ୍ଥା, ଶ୍ୱେତଗଙ୍ଗାରେ ପିଣ୍ଡଦାନ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶ୍ରୀଜୀଉଙ୍କ ଦର୍ଶନ ବ୍ୟବସ୍ଥା ଓ ୪ ତାରିଖରେ ଫେରିବା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ଆଲୋଚନା କରାଯାଇଥିଲା। ରାଷ୍ଟ୍ରପତି ଦେଶର ପ୍ରଥମ ନାଗରିକ ହୋଇ ଥିବାରୁ ପ୍ରୋଟୋକଲ ଅନୁସାରେ ସମସ୍ତ ବ୍ୟବସ୍ଥା ଶୃଙ୍ଖଳାର ସହ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଆଇପିଏସ ପ୍ରୋବେସନର ଏ.କେ. ବିଜୟ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଶ୍ରୀମନ୍ଦିର ନୀତି ଉପ ପ୍ରଶାସକ ରଞ୍ଜନ କୁମାର ବେହେରା , ଉପଜିଲ୍ଲାପାଳ ରାଜ କିଶୋର ଜେନା, ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା , ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ପିଏମଶ୍ରୀ ବି.ବି.ସରକାରୀ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ -୨୦୨୬ ଉଦ୍‌ଘାଟିତ

**ଢେଙ୍କାନାଳ, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଶତାୟୁ, ପି.ଏମ୍.ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ କ୍ରୀଡ଼ାଙ୍ଗନରେ ଥିବା ସଭାମଞ୍ଚରେ ପ୍ରାତଃ ୧୦ ଘଟିକା ସମୟରେ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ସ୍ମିତିସୁଧା ଜେନାଙ୍କ ମାର୍ଗଦର୍ଶନ ଓ ନେତୃତ୍ୱରେ, ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡ.ଅନୁପମା ମିଶ୍ରଙ୍କ ବଳିଷ୍ଠ ସଂଯୋଜନାରେ ବରିଷ୍ଠ ଶିକ୍ଷୟିତ୍ରୀ ତଥା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀତାବାଳା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଦ୍ୱିଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ -୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଢେଙ୍କାନାଳ ଜିଲ୍ଲା ଅତିରିକ୍ତ ଶିକ୍ଷାଅଧିକାରୀ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ରଞ୍ଜନ ଦଳେଇଙ୍କ ମୁଖ୍ୟଅତିଥି ଭାବରେ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ନଳିନୀ ଦାସ, ସମ୍ପାଦକ, ଜିଲ୍ଲା କ୍ରୀଡ଼ା ସଂଘ, ଢେଙ୍କାନାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ, ବରିଷ୍ଠ ହିନ୍ଦୀ ଶିକ୍ଷକ କିଶୋର ଚନ୍ଦ୍ର ସାମଲ ଓ ରାଷ୍ଟ୍ରପତି ସ୍କାଉଟ୍, ରାଜ୍ୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିକ୍ଷାବିତ୍ ଡ଼ା. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାତଃ କାଳରେ ଏହି ଉପଲକ୍ଷେ ଛାତ୍ରୀ, ଛାତ୍ରମାନଙ୍କ ଦ୍ୱାରା ବର୍ଣ୍ଣାଢ଼୍ୟ ମଶାଲ ଶୋଭାଯାତ୍ରା କରାଯାଇ ମୁଖ୍ୟଅତିଥିଙ୍କ ଦ୍ୱାରା କ୍ରୀଡ଼ା ଉତ୍ସବର ଉଦ୍ ଘାଟନ କରାଯାଇଥିଲା। ମଞ୍ଚାସୀନ ଅତିଥି ବୃନ୍ଦ ସ୍ୱୀୟ ସ୍ୱୀୟ ଅଭିଭାଷଣରେ ବିଭିନ୍ନ ପ୍ରକାର କ୍ରୀଡ଼ାର ଲକ୍ଷ୍ୟ, ଉଦ୍ଦେଶ୍ୟ,ଆଭିମୁଖ୍ୟ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କ୍ରୀଡ଼ା ଶିକ୍ଷା ଓ ବିଭିନ୍ନ ସହଶୈକ୍ଷିକ କାର୍ଯ୍ୟକ୍ରମ ତଥା କାର୍ଯ୍ୟକଳାପଗୁଡ଼ିକ ମାଧ୍ୟମରେ ସମସ୍ତଙ୍କ ମଧ୍ୟରେ ବନ୍ଧୁତା, ସମ୍ମାନ ଓ ଉତ୍କର୍ଷତା ଆଦି ମହନୀୟ ମାନବୀୟ ଗୁଣଗୁଡ଼ିକୁ ବିକଶିତ କରିବା ପାଇଁ ଏକ ପ୍ରମୁଖ ଭୂମିକା ନିର୍ବାହ କରିବା ସଙ୍ଗେ ସଙ୍ଗେ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନର ସୂତ୍ରଧର ହୋଇ ପାରିବ ବୋଲି ଦୃଢ଼ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ପ୍ରଥମଦିନ ସବ୍ ଜୁନିୟର, ଜୁନିୟର୍ ଓ ସିନିୟର୍ ବାଳିକା ଓ ବାଳକ ଆଦି ବିଭିନ୍ନ ବର୍ଗର ୧୦୦ମି,୨୦୦ମି, ୪୦୦ମି ଆଦି ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟ୍ ପୁଟ୍ ଓ ଡିସ୍ କସ୍ ଥ୍ରୋ, ସର୍ବ କନିଷ୍ଠ ଛାତ୍ରୀ, ଛାତ୍ରମାନଙ୍କ ପାଇଁ ମଧ୍ୟ ଛୁଞ୍ଚି ସୂତା ଓ ବାଟି ଚାମଚ୍, ୫୦ମି ଓ ଗଣିତ ଦୌଡ଼ ଭଳି ଅନେକ ଆକର୍ଷଣୀୟ କ୍ରୀଡ଼ା କାର୍ଯ୍ୟକ୍ରମ ଓ ଉତ୍ସବ ସମୟରେ ଛାତ୍ରୀ, ଛାତ୍ରମାନଙ୍କ ଦ୍ୱାରା ଡମ୍ ବେଲ୍ ନୃତ୍ୟ, ପମ୍ ପମ୍ ଡ୍ରିଲ୍ ଓ ଯୋଗାସନ ଭଳି ଅନେକ ଚିତ୍ତାକର୍ଷକ ବର୍ଣ୍ଣାଢ଼୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ସମସ୍ତ ଦର୍ଶକମଣ୍ଡଳୀ ଦ୍ୱାରା ବେଶ୍ ଉପଭୋଗ୍ୟ ହୋଇପାରିଥିଲା। ସଭା ପ୍ରାରମ୍ଭରେ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ଉପସ୍ଥିତ ସମସ୍ତ ଅତିଥି ଓ ଶୁଭେଚ୍ଛୁମାନଙ୍କ ଦ୍ୱାରା ପୁଷ୍ପ, ଧୂପ, ପ୍ରଦୀପ ପ୍ରଜ୍ୱଳନ କରାଯିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡ଼ଃ ଅନୁପମା ମିଶ୍ର ସୁଲଳିତ ସୁମଧୁର କଣ୍ଠରେ ମଙ୍ଗଳାଚରଣ ଗାନ, କାର୍ଯ୍ୟକ୍ରମର ଅନ୍ତିମ ଭାଗରେ ଶାନ୍ତି ପାଠ କାର୍ଯ୍ୟକ୍ରମ ସଂଯୋଜିକା ଭାବରେ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ, କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ଓ ସଫଳ ଭାବରେ ସଭାକାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ମଧ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସମସ୍ତ ସଦସ୍ୟା, ସଦସ୍ୟ ବୃନ୍ଦ, ଶିକ୍ଷାର୍ଥୀ ମାନଙ୍କ ମାତା, ପିତା ତଥା ଅଭିଭାବିକା, ଅଭିଭାବକ ବୃନ୍ଦ, ଆଲୁମିନି ସଦସ୍ୟା, ସଦସ୍ୟ ବୃନ୍ଦ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀବୃନ୍ଦ ଓ ସର୍ବୋପରି ଅଂଶଗ୍ରହକାରୀ ଏନ୍ ସିସି, ସ୍କାଉଟ୍ ଓ ରେଡକ୍ରସ୍‌ର ସ୍ୱେଚ୍ଛାସେବୀ ଛାତ୍ରୀ, ଛାତ୍ରବୃନ୍ଦଙ୍କ ମିଳିତ ପ୍ରଚେଷ୍ଟା ତଥା ସହଯୋଗିତାରେ କାର୍ଯ୍ୟକ୍ରମର ସଫଳ ସଞ୍ଚାଳନ ସମ୍ଭବ ହୋଇପାରିଥିଲା।

# ଜୁନିୟର ରେଡ଼କ୍ରସ କ୍ୟାମ୍ପ ଉଦ୍‌ଘାଟିତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

୩୦ ତମ ଭଦ୍ରକ ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଭଦ୍ରକ ଚରମ୍ପାସ୍ଥିତ ଆର.ସି.ବି.ଏଲ୍. ହାଇସ୍କୁଲରେ ଉଦ୍‌ଘାଟିତ ହୋଇ ଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ଜୁନିୟର ରେଡ଼କ୍ରସର ଅଧ୍ୟକ୍ଷ ଡ. ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ଭାବରେ ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲମକ୍କି ଦଲୱାଜି ହବିବ୍, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଡ. ପ୍ରଫୁଲ୍ଲ କୁମାର ସାହୁ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, କଟକ ଜିଲ୍ଲାର ପୂର୍ବତନ ଜୁନିୟର ରେଡ଼କ୍ରସ ଅଧିକାରୀ ମିହିର୍ କୁମାର ପରିଡ଼ା ଯୋଗଦାନ କରି ଜୁନିୟ ରେଡ଼କ୍ରସର ଲକ୍ଷ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ।




ଭଦ୍ରକ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ, ଆର.ସି.ବି.ଏଲ୍. ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ମାଝି ସ୍ୱାଗତ ଭାଷଣ, ଭଦ୍ରକ ଜିଲ୍ଲା ଜୁନିୟର ରେଡ଼କ୍ରସ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ନାୟକ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଜୁନିୟର ରେଡ଼କ୍ରସର ଯୁଗ୍ମ ସଂପାଦକ ଭୀମ ଚରଣ ପରିଡ଼ା ଓ ଲିପିରେଖା ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧନକର୍ମୀ ଭାଗବତ ସୂତାର, ହେମନ୍ତ ସୂତାର, ଦିପ୍ତୀମୟୀ ସାହୁ, ରାଜକିଶୋର ଚୌଧୁରୀ, ଶଶୀଶେଖର କରଶର୍ମା, ତରଣୀ ସେନ ଜେନା ରେଡ଼କ୍ରସର ଇତିହାସ ଓ ସାତଟି ନିୟମ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷରେ ଗୀତାଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ୩ଦିନ ପାଇଁ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମରେ ଚାରିଶହ ବୟାଅଶି ଜଣ ଛାତ୍ରଛାତ୍ରୀ ଓ ଏକଶହ ତେୟାନବେ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି କ୍ୟାମ୍ପରେ ରେଡ଼କ୍ରସ ଇତିହାସ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସଡ଼କ ସୁରକ୍ଷା, ରକ୍ତ ଦାନ, ପ୍ରାଥମିକ ଉପଚାର ଇତ୍ୟାଦି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଅଛି। ଏହି ଶିବିରରେ ସାତଟି ବ୍ଲକର ସଂଯୋଜକ ମହେଶ୍ୱର ରାଉତ, ଲିଜା ଦାସ, ଦେବାଶିଷ ଆଚାର୍ଯ୍ୟ, ସୁଶାନ୍ତ କୁମାର ବିଶ୍ୱାଳ, ବିଶ୍ୱରଞ୍ଜନ ମଲ୍ଲିକ, ଲିଲିରାଣୀ ନାୟକ, ଧର୍ମେନ୍ଦ୍ର ବେହେରା, କ୍ୟାମ୍ପ ପରିଚାଳନା କରିଥିଲେ। ସମରେନ୍ଦ୍ର ମିଶ୍ର, ପ୍ରଦିପ ମହାପାତ୍ର, ମାନସ ମିଶ୍ର, ଅକ୍ଷୟ ସେଠୀ, ଜିତେନ୍ଦ୍ର ନାୟକ, ଶାନ୍ତିଲତା ପଣ୍ଡା, ରୁବିନା ଖାତୁନ, ମୋନାଲିସା ସାହୁ, ବିଣାପାଣୀ ପଣ୍ଡା, ସ୍ମିତା ସୁଚରିତା ମଲିକ ସହଯୋଗ କରିଥିଲେ। ବିଚାରକ ଭାବରେ ଜିତେନ୍ଦ୍ର ସିଂ, ଦୀପ୍ତିମୟୀ ସାହୁ, ବସନ୍ତ ଲେଙ୍କା, ନୃସିଂହ ସାହୁ ଯୋଗଦାନ କରିଥିଲେ।

# ଅସହାୟଙ୍କ ପାଇଁ ଶତାଧିକ ଆବାସ ଘର ତିଆରି କରିବେ ପିଇଓ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ ନିଜ କାମ କରିବା ନିଆରା ଅନ୍ଦାଜ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଆସୁଥିବା ବେଳେ ଜଣେ ଦକ୍ଷ ପ୍ରଶାସକ ସହିତ ଅସହାୟଙ୍କ ଆଶାର ଭରସା ବିଡିଓ ମହାଶୟ ଅଞ୍ଚଳର ସମଗ୍ର ବିକାଶ ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନରେ ଦକ୍ଷତା ଓ ସମ୍ବେଦନଶୀଳତାର ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ଜଣେ କୁଶଳ ପ୍ରଶାସକ ହେବା ସହିତ ସେ ସମାଜର ଗରିବ, ଅସହାୟ ଓ ପଛୁଆ ବର୍ଗର ଲୋକମାନଙ୍କ ପାଇଁ ଭରସାର ନାମ ହୋଇଉଠିଛନ୍ତି। ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟା ରାସ୍ତା, ପାଣି, ବିଦ୍ୟୁତ, ଆବାସ, ପେନ୍ସନ୍, ରେସନ୍ ଭଳି ମୂଳଭୂତ ସୁବିଧା ନେଇ ସେ ସଦା ସକ୍ରିୟ। ସାଧାରଣ ଲୋକଙ୍କ ଅଭିଯୋଗକୁ ଗମ୍ଭୀରତାର ସହ ଶୁଣି ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବା ତାଙ୍କର ପ୍ରଶାସନିକ ଶୈଳୀର ମୂଳ ଲକ୍ଷଣ। ବିଶେଷକରି ଅସହାୟ, ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଓ ଗରିବ ପରିବାରମାନଙ୍କ ପାଇଁ ସରକାରୀ ଯୋଜନାର ସଠିକ୍ ଲାଭ



ପହଞ୍ଚାଇବାରେ ବିଡିଓ ମହାଶୟଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ଦୂରଦୂରାନ୍ତ ଗ୍ରାମକୁ ଯାଇ ସ୍ଥଳୀୟ ତଦନ୍ତ, ସମୀକ୍ଷା ଓ ଲୋକସମ୍ପର୍କ ତାଙ୍କୁ ସାଧାରଣ ମନୁଷ୍ୟଙ୍କ ନିକଟକୁ ଆଣିଛି। ତେବେ ବିଭିନ୍ନ ଗ୍ରାମକୁ ବୁଲୁଥିବା ସମୟରେ ତାଙ୍କ ନଜରକୁ ଆସିଥିଲା ଆବାସ ଯୋଜନା ପାଇଥିବା ହିତାଧିକାରୀ ମାନେ ଘର ତିଆରି କରି ପାରୁନାହାନ୍ତି । କାରଣ ତାଙ୍କ ମଧ୍ୟରୁ ଅନେକ ଲୋକ ଶଯ୍ୟାଶାୟୀ, ଦୁର୍ବଳ, ବୃଦ୍ଧ,ବୃଦ୍ଧା, ଦିବ୍ୟାଙ୍ଗ, ପକ୍ଷାଘାତ ଶ୍ରେଣୀର ହିତାଧିକାରୀ । ତେଣୁ ନିଜ ଗୃହ କାର୍ଯ୍ୟ ନିଜେ ସମ୍ପାଦନ କରିପାରୁ ନାହାନ୍ତି । ଏସବୁକୁ ଆଖି ଆଗରେ ରଖି ବିଡିଓ ମହାଶୟ ତୁରନ୍ତ ସମସ୍ତ ପିଇଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବ୍ଲକର ୧୯ ଗୋଟି ଗ୍ରାମପଞ୍ଚାୟତର ପ୍ରାୟ ୧୦୦ ଜଣ ଅସହାୟ ହିତାଧିକାରୀଙ୍କ ଗୃହ ନିର୍ମାଣ କରିବା ପାଇଁ। ତେବେ ବିଡିଓଙ୍କ ଏଭଳି ମହତ୍ କାର୍ଯ୍ୟ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ମତାନୁସାରେ, "ବିଡିଓ ମହାଶୟ କେବଳ ଏକ କାର୍ଯ୍ୟାଳୟରେ ସୀମିତ ପ୍ରଶାସକ ନୁହନ୍ତି, ସେ ପ୍ରକୃତରେ ଗରିବ ଅସହାୟ ଲୋକଙ୍କ ସତ୍ୟ ସାଥୀ। ଦକ୍ଷ ପ୍ରଶାସନ, ସ୍ୱଚ୍ଛତା ଓ ମାନବିକ ଭାବନାର ସମନ୍ୱୟ ଦ୍ୱାରା ବିଡିଓ ମହାଶୟ ଆଜି ଏକ ଆଦର୍ଶ ପ୍ରଶାସକ ଭାବେ ପରିଚିତ।

# ବୋର ଗାଡ଼ି ଧକ୍କାରେ ୨ ମୃତ ଜଣେ ଗୁରୁତର

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ବୋରୱେଲ ଗାଡ଼ି ଓଭରଟେକ କରିବା ସମୟରେ ଭାରସ୍ୟାମ ହରାଇ ଚକ ତଳେ ପଡ଼ି ଦୁଇଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ରାଇଘର ପ୍ରାଥମିକ ଚିକିତ୍ସା ହେଉଥିବା ଜଣାପଡ଼ିଛି। ଅପରାହ୍ଣ ପ୍ରାୟ ଚାରିଟା ସମୟରେ ଖିଡିଙ୍ଗମାଲ ଗ୍ରାମର ଲେମ୍ବୁ ଗଣ୍ଡ (୪୫), ସୁରଜ ଗଣ୍ଡ (୧୮), ଟିଂଗର ଗଣ୍ଡ ତିନି ଜଣ ଏକ ବାଇକ୍ ଯୋଗେ ରାଇଘର ସ୍ଥିତ ସମ୍ପର୍କୀୟଙ୍କ ଘରକୁ ବାହାରିଥିଲେ। ଆସିବା ରାସ୍ତାରେ ନଆପାରା ପାଲକାଡଙ୍ଗରି ଛକ ନିକଟରେ ସାମ୍ନାରେ ଯାଉଥିବା ବୋରୱେଲ ଗାଡ଼ିକୁ ଅତିକ୍ରମ କରିବା ସମୟରେ ଭାରସାମ୍ୟ ହରାଇ ପଡ଼ିଯିବା କାରଣରୁ ଏଭଳି ଘଟଣା ଘଟିଥିବା ଗ୍ରାମବାସୀ ଅନୁମାନ କରି କହୁଥିବା ବେଳେ ଦୁର୍ଘଟଣା ସମୟରେ କେହି ଦେଖିନଥିବାରୁ କାରଣ ଅସ୍ପଷ୍ଟ କହିଛନ୍ତି ଗ୍ରାମବାସୀ। ଏହାପରେ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଛି। ଗ୍ରାମବାସୀ ଗାଡ଼ି ମାଲିକ ଘଟଣା ସ୍ଥଳକୁ ନ ଆସିବା ଯାଏ ଗାଡ଼ିକୁ ଛାଡ଼ିବେ ନାହିଁ ବୋଲି କହିବା ସହ ମୃତ ଶରୀର ରଖି ରାସ୍ତାରେ ବସିଥିବା ଦେଖିବାକୁ ମିଳିଛି।

# ବରିଷ୍ଠ ଟ୍ରେନ୍ ମ୍ୟାନେଜର୍ ତ୍ରିନାଥ ସାହୁ ଜଣେ ସାହାସୀ ବ୍ୟକ୍ତିଥିଲେ

**ମୂରଲୀଧର ସାହୁ**
୩୭୮, ନର୍ଦ୍ଦନ ହାଇଟ୍,
ନନ୍ଦନ ବିହାର, ପଟିଆ
ଭୁବନେଶ୍ୱର
ମୋ- ୮୦୯୩୬୭୫୯୧୪



ବରିଷ୍ଠ ଟ୍ରେନ୍ ମ୍ୟାନେଜର ତ୍ରିନାଥ ସାହୁ ଥିଲେ ଜଣେ ସାହାସୀ, ପରୋପକାରୀ ଓ ଖୁସିବାସିଆ ମଣିଷ । ଛାତ୍ର ଜୀବନରୁ ଏନ୍.ସି.ସି. କାଡେଟ୍ ଭାବେ ଖୁବ୍ ସୁନାମ ଅର୍ଜନ କରିଥିଲେ ଦିଲ୍ଲୀ ଲାଲ୍‌କିଲ୍ଲାରେ ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଶା ଏନ୍.ସି.ସି. ଅଧିକାରୀଙ୍କ ପ୍ୟାରେଡ୍‌ର ନେତୃତ୍ୱ ନେଇଥିଲେ । ଜଣେ ଉତ୍ତମ କ୍ରୀଡ଼ାବିତ୍ ଭାବେ ତାଙ୍କର ଅନେକ ସୁଖ୍ୟାତି ଥିଲା । ୧୯୫୭ ମସିହାରେ ତତ୍‌କାଳୀନ ଦକ୍ଷିଣ-ପୂର୍ବ ରେଳପଥରେ ଟ୍ରେନ୍‌ଗାର୍ଡ ଭାବେ ଯୋଗଦାନ କରିଥିଲେ । ଜଣେ ନିଷ୍ଠାବାନ୍, ସଚ୍ଚୋଟ ଓ କର୍ମଠ ରେଳ କର୍ମଚାରୀ ଭାବେ ଡିଭିଜନ୍ ଓ ଜୋନାଲ୍‌ସ୍ତରରେ ପୁରସ୍କୃତ ହେବା ସହ ବରିଷ୍ଠ ପ୍ରଶାସକମାନଙ୍କ ପ୍ରଶଂସା ଭାଜନ ହୋଇଥିଲେ । ଛଅଫୁଟ ଦୁଇ ଇଂଚ ଉଚ୍ଚତା ବିଶିଷ୍ଟ ସୁନ୍ଦର ସ୍ୱାସ୍ଥ୍ୟବାନ ବ୍ୟକ୍ତି ସ୍ୱର୍ଗତ ସାହୁ ସର୍ବଦା ନିଜର ୟୁନିଫର୍ମରେ ରହୁଥିଲେ, ଯେଉଁଥିପାଇଁ ତାଙ୍କ ତତ୍‌କାଳୀନ ଭାରତୀୟ ରେଳପଥର ମଣ୍ଡଳ ତତ୍ତ୍ୱାବଧାରକ ଇଂରେଜ ସାହେବ ଜେରାଥ ତାଙ୍କୁ ଉଚ୍ଚ ପ୍ରଶଂସିତ କରିଥିଲେ । ତାଙ୍କର ବ୍ୟକ୍ତିତ୍ୱ ଓ କର୍ତ୍ତବ୍ୟନିଷ୍ଠା ନିମନ୍ତେ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନରେ ଯେତେ ସବୁ ରେଳମନ୍ତ୍ରୀ, ମହାପ୍ରବନ୍ଧକ ସ୍ତରୀୟ ଟ୍ରେନ୍ ଚଳାଚଳ ଶୁଭାରମ୍ଭରେ ନିକଟରେ ରଖିବା ସହ ସେହି ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ପରିଚାଳନା ଦାୟିତ୍ୱ ଦେଉଥିଲେ । ସେ ସର୍ବଦା ନିଜର କନିଷ୍ଠ କର୍ମଚାରୀମାନଙ୍କୁ ଶ୍ରଦ୍ଧା କରିବା ସହ କର୍ତ୍ତବ୍ୟ ସମ୍ପାଦନାରେ ଶିକ୍ଷା ଓ ସହଯୋଗ କରୁଥିଲେ । ତାଙ୍କର ୩୬ ବର୍ଷ ଗାର୍ଡ଼ ଓ ଟ୍ରେନ୍ ମ୍ୟାନେଜର୍ ଚାକିରୀ ସମୟରେ ତାଙ୍କ ପରିଚାଳିତ ଟ୍ରେନ୍‌ର କେବେ ଦୁର୍ଘଟଣା ଘଟିନାହିଁ । ତାଙ୍କ ଚାକିରି ଜୀବନରେ ଟ୍ରେନ୍ ଦୁର୍ଘଟଣା କେବେ ସେ ଅନୁଭବ କରିନାହାନ୍ତି । ଖୋର୍ଦ୍ଧା ଓ ଖଡ଼ଗପୁର ରେଳଶାଖାରେ ସେ ଟ୍ରେନ୍ ଗାର୍ଡ଼ ଦାୟୀତ୍ୱରେ ଥିବା ସମୟରେ ତାଙ୍କ ଟ୍ରେନ୍‌ରେ କୌଣସି ଟ୍ରେନ୍ ଦୁର୍ଘଟଣା ହୋଇ ନଥିବାରୁ ଖଡଗ୍‌ପୁର ଡିଭିଜନ୍‌ର ତତ୍‌କାଳନ ବରିଷ୍ଠ ଅପେରଟିଙ୍ଗ୍ ମ୍ୟାନେଜର ଗୁରୁଚରଣ ରୟ ତାଙ୍କୁ ପୁରସ୍କୃତ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ ।

ସ୍ୱର୍ଗତ ସାହୁ ତାଙ୍କ ଚକ୍ଷୁଦାନ କରିଥିଲେ କିନ୍ତୁ ୯୧ ବର୍ଷ ହୋଇଥିବାରୁ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ନିଜେ ସର୍ବଦା ସ୍ୱାସ୍ଥ୍ୟ ସଚେତନ ଓ ସ୍ୱାସ୍ଥ୍ୟବାନ ରହିବା ସହ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା ପ୍ରଦାନ କରୁଥିଲେ । "ସ୍ୱାସ୍ଥ୍ୟ ହିଁ ସମ୍ପଦ" ଥିଲା ତାଙ୍କ ଜୀବନର ମୂଳମନ୍ତ୍ର । ଖଲିକୋଟ୍ କଲେଜରୁ ସ୍ନାତକ ଡିଗ୍ରୀ ଶେଷ କରି ସ୍ୱର୍ଗତ ସାହୁ ରେଳପଥରେ ଯୋଗଦାନ କରି ୧୯୯୩ ମସିହାରେ ଅବସର ଗ୍ରହଣ କରିଥିଲେ । ଅବସରପରେ ସେ ବ୍ରହ୍ମପୁରର ବିଜିପୁର ଓ ଅନ୍ୟାନ୍ୟ ଅଞ୍ଚଳରେ ବିଭିନ୍ନ ସାମାଜିକ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ। ନିଜ ଦୁଇଭାଇଙ୍କୁ ମଣିଷ କରିବା ସହ ପରିବାରର ମା' ଭିତ୍ତିସ୍ତମ୍ଭ ଥିଲେ। ତାଙ୍କ ପୈତୃକ ଗ୍ରାମ ଭାଲବା ଠାରେ ଥିବା ନରସିଂହ ଭଗବାନ ମନ୍ଦିର କମିଟିର ସଭାପତି ଥିଲେ। ବୃକ୍ଷ ରୋପଣଠାରୁ ଆରମ୍ଭ କରି ବିଭିନ୍ନ ଧାର୍ମିକ କାର୍ଯ୍ୟରେ ଚଳଚଞ୍ଚଳ ଥିଲେ ।

ଏହି ସୁନ୍ଦର, ସ୍ୱାସ୍ଥ୍ୟବାନ, ପରୋପକାରୀ ବ୍ୟକ୍ତି ଚଳିତମାସ ୨୦ ତାରିଖରେ ଇହଧାମ ତ୍ୟାଗ କଲେ । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତାଙ୍କ ଦୁଇ ସାନଭାଇ, ଭାରତୀୟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଜନସମ୍ପର୍କ ଅଧିକାରୀ ମୂରଲୀଧର ସାହୁ ଓ ଅବସରପ୍ରାପ୍ତ ଡିଫେନ୍‌ସ କର୍ମଚାରୀ ଓ ଜାତୀୟସ୍ତରର କ୍ରୀଡ଼ାବିତ୍ ହେମନ୍ତ କୁମାର ସାହୁଙ୍କ ସହ ପୁଅ କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ାଶିକ୍ଷକ ଈଶ୍ୱରୀ ପ୍ରସାଦ ସାହୁ ଏବଂ ବୋହୁ ସୁନୀତା, ଝିଅ ମଣୀମାଳା, ଜ୍ୱାଇଁ ମୃତ୍ତିକା ସଂରକ୍ଷଣ ବିଭାଗର ଉପ ନିର୍ଦ୍ଦେଶକ ରବି କୁମାର ସାହୁ, ନାତି ଅମିତ୍ ଏବଂ ଡକ୍ଟର ଗୌରବ ଏବଂ ନାତୁଣୀମାନେ ଉପସ୍ଥିତ ଥିଲେ । ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା ।

